ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.122 Bhubaneswar Saturday, June 26, 2021 ୨୪ତମ ବର୍ଷ ସଂଖ୍ୟା-୧୨୨ ଭୁବନେଶ୍ୱର, ଶନିବାର, ଜୁନ୍ ୨୬, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

ସ୍ମାର୍ଟ ସିଟି ମିଶନ(ଏସସିଏମ୍)ର ଶୁଭାରମ୍ଭ ହେବାର ବର୍ଷକୁ ସ୍ମରଣୀୟ କରିବା ପାଇଁ ଗୃହ ଓ ନଗର ବ୍ୟାପାର, ବେସାମରିକ ବିମାନ ଚଳାଚଳ ଏବଂ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ହାର୍ଦ୍ଦିକ ସିଂ ପୁରୀ ଏକ ଭର୍ଚୁଆଲ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି

ଶ୍ରୀମନ୍ଦିରରେ ପୂଜା ପାଇଲେ ପଟ୍ଟି ଦିଅଁ

ପୁରୀ, ୨୫।୬(ପି.ଏନ): ଗତକାଲି ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ଅଭିମନ୍ତ୍ରିତ ଅଧିବାସ ଜଳରେ ସ୍ନାନ ପରେ ଶ୍ରୀଜୀଉମାନେ ଜ୍ୱରରେ ପୀଡ଼ିତ ହୋଇ ଅଣସର ପିଣ୍ଡିକୁ ବିଜେ କରିଛନ୍ତି । ସେଠାରେ ରାଜବୈଦ୍ୟଙ୍କ ଦ୍ୱାରା ସମ୍ପୂର୍ଣ୍ଣ ଆର୍ଯ୍ୟୁର୍ବେଦିକ ଉପଚାର ଚାଲିଛି । ଯାହାକି ପ୍ରଭୁ ଜଗନ୍ନାଥଙ୍କ ମାନବୀୟ ଲୀଳାଖେଳାର ଅନ୍ୟ ଏକ ନିଦର୍ଶନ । ଅନ୍ୟପକ୍ଷରେ ଅଣସର ସମୟରେ ତାଙ୍କର ପ୍ରତିଛବି ପଟ୍ଟିଦିଅଁ ଭାବେ ଶ୍ରୀମନ୍ଦିର ଅଣସର ପିଣ୍ଡିରେ ପୂଜା ପାଉଛନ୍ତି । ଏହି ପ୍ରତିଛବି ଗୁଡିକ ଚିତ୍ରକାର ସେବାୟତଙ୍କ ଦ୍ୱାରା ପ୍ରସ୍ତୁତ ହୋଇଛି । ଚିତ୍ରକାର ସାହିର ଚିତ୍ରକାର ସେବାୟତ ବଳଭଦ୍ର ଓ ସୁଭଦ୍ରାଙ୍କ ବାଡ଼ରେ ପଟିଦିଅଁ ପ୍ରସ୍ତୁତ କରିଥାନ୍ତି । ଏହି ପଟ୍ଟିଦିଅଁ ଚିତ୍ରର ଲମ୍ବ ୧୨ ହାତ ରହିଥିବା ବେଳେ ଓସାର ୩ ହାତ ରହିଛି ।

ଗୋଟିଏ ଦିନରେ ୨୯୧୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୫।୬(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୨୯୧୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୮୯୩୫୦୮ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୮୫୬୪୯୮ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୩୩୧୫୬ ରହିଛି । ଆଜି ଚିହ୍ନଟ ହୋଇଥିବା ୨୯୧୨ ଜଣଙ୍କ ମଧ୍ୟରୁ ୧୬୭୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୨୩୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୪୦୧ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧୧୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୨୨୦ ଜଣ, ବରଗଡ଼ରୁ ୩୧ ଜଣ, ଭଦ୍ରକରୁ ୧୩୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୧୮, କଟକରୁ ୩୮୨ ଜଣ, ଦେବଗଡ ଜିଲ୍ଲାରୁ ୪ ଜଣ, ଢେଙ୍କାନାଳ ଜିଲ୍ଲାରୁ ୪୨ ଜଣ, ଗଜପତି ଜିଲ୍ଲାରୁ ୧୩ , ଗଞ୍ଜାମରୁ ୧୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୩୧ ଜଣ, ଯାଜପୁରରୁ ୨୯୨ ଜଣ, ଝାରସୁଗୁଡ଼ାରୁ ୧୪ ଜଣ, କଳାହାଣ୍ଡିରୁ ୩୫ ଜଣ, କନ୍ଧମାଳ ଜିଲ୍ଲାରୁ ୩୬ ଜଣ. କେନ୍ଦ୍ରାପଡ଼ାରୁ ୭୧ ଜଣ, କେନ୍ଦୁଝରରୁ ୭୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୪୦୧ ଜଣ, କୋରାପୁଟରୁ ୫୪ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୪୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୧୭୪ ଜଣ, ନବରଙ୍ଗପୁରରୁ ୫୦ ଜଣ, ନୟାଗଡ଼ରୁ ୧୪୦ ଜଣ, ନୂଆପଡ଼ାରୁ ୮ ଜଣ, ପୁରୀରୁ ୧୬୧ ଜଣ, ରାୟଗଡ଼ାରୁ ୫୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୩୦ ଜଣ, ସୋନପୁରରୁ ୧୩ ଜଣ, ସୁନ୍ଦରଗଡ଼ରୁ ୭୧ ଜଣ ଓ ଷ୍ଟେଟ୍ ପୁଲରୁ ୬୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

ଡିଆରଡିଓ ପକ୍ଷରୁ ବର୍ଦ୍ଧିତ ଦୂରତା ବିଶିଷ୍ଟ ୧୨୨ ଏମ୍‌ଏମ୍ କ୍ଷମତାସମ୍ପନ୍ନ ରକେଟ୍ର ସଫଳ ପରୀକ୍ଷଣ

ନୂଆଦିଲ୍ଲୀ, ୨୫।୬(ପି.ଏନ): ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ପକ୍ଷରୁ ସଫଳତା ପୂର୍ବକ ବର୍ଦ୍ଧିତ ଦୂରତା ବିଶିଷ୍ଟ ୧୨୨ ଏମ୍‌ଏମ୍ କ୍ଷମତାସମ୍ପନ୍ନ ରକେଟ୍ର ସଫଳ ପରୀକ୍ଷଣ କରାଯାଇଛି। ଓଡ଼ିଶା ଉପକୂଳର ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ ଘାଟୀ (ଆଇଟିଆର)ରୁ ଜୁନ୍ ୨୫, ୨୦୨୧ରେ ସ୍ୱଦେଶୀ ଭାବେ ବିକଶିତ ଏହି ରକେଟ୍ର ପରୀକ୍ଷଣ ସମ୍ପନ୍ନ ହୋଇଥିଲା। ସମ୍ପୂର୍ଣ୍ଣ ସାଧନବିନିଯୋଗ (ଇନଷ୍ଟ ମେଣ୍ଟେସନ) ସହିତ ୧୨୨ ଏମ୍‌ଏମ୍ କ୍ଷମତା ବିଶିଷ୍ଟ ଚାରିଟି ରକେଟ୍ର ପରିବର୍ଦ୍ଧିତ ସଂସ୍କରଣକୁ ପରୀକ୍ଷାମୂଳକ ଭାବେ ଉତ୍କ୍ଷେପଣ କରାଯାଇଥିଲା ଏବଂ ଏଗୁଡ଼ିକ ସେମାନଙ୍କର ଧାର୍ଯ୍ୟ ଲକ୍ଷ୍ୟଗୁଡ଼ିକୁ ଭେଦ କରିବାରେ ସଫଳ ହୋଇଥିଲେ। ସ୍ଥଳସେନାର ପ୍ରୟୋଗ ନିମନ୍ତେ ଏହି ରକେଟ୍ଗୁଡ଼ିକୁ ବିକଶିତ କରାଯାଇଛି ଏବଂ ୪୦ କିମି ଦୂରତା ପର୍ଯ୍ୟନ୍ତ ଲକ୍ଷ୍ୟକୁ ଧ୍ୱଂସ କରିବାରେ ଏଗୁଡ଼ିକ ସକ୍ଷମ ହୋଇପାରିବେ। ଆଇଟିଆର ଏବଂ ପ୍ରୁଫ୍ ଓ ପରୀକ୍ଷଣ ପ୍ରତିଷ୍ଠାନ (ପିଏକ୍ସଇ) ଦ୍ୱାରା ମୁତୟନ କରାଯାଇଥିବା ଟେଲିମେଟ୍ରି, ରାଡାର ଓ ଇଲେକ୍ଟ୍ରୋ ଅପ୍ଟିକାଲ ଟ୍ରାକିଂ ପ୍ରଣାଳୀ ସମେତ ସମସ୍ତ ରେଞ୍ଜ ଉପକରଣ ମାଧ୍ୟମରେ ସମସ୍ତ ଫ୍ଲାଇଟ୍ ଆର୍ଟିକିଲ୍କୁ ଟ୍ରାକ୍ କରାଯାଇଥିଲା। ଏହି ରକେଟ୍ ପ୍ରଣାଳୀକୁ ପୁନେସ୍ଥିତ ଅସ୍ତ୍ରଶସ୍ତ୍ର ଗବେଷଣା ଏବଂ ବିକାଶ ସଂଗଠନ (ଏଆରଡିଇ) ଏବଂ ଉଚ୍ଚ ଊର୍ଜା ସାମଗ୍ରୀ ଗବେଷଣା ପ୍ରୟୋଗଶାଳା (ଏଚଇଏମଆରଏଲ) ଦ୍ୱାରା ମିଳିତ ଭାବେ ବିକଶିତ କରାଯାଇଥିବା ବେଳେ ନାଗପୁରସ୍ଥିତ ମେସର୍ସ ଇକୋନୋମିକ ଏକ୍ସପ୍ଲୋସିଭ୍ ଲିମିଟେଡ୍ ଏହାକୁ ଉତ୍ପାଦନ ସହାୟତା ଯୋଗାଇ ଦେଉଛି। ବର୍ତ୍ତମାନର ୧୨୨ ଏମ୍‌ଏମ୍ ଗ୍ରେଡ ରକେଟ୍ ସ୍ଥାନରେ ଏହି ପରିବର୍ଦ୍ଧିତ ରକେଟ୍ ପ୍ରଣାଳୀ କାର୍ଯ୍ୟ କରିବ।୧୨୨ ଏମ୍‌ଏମ୍ କ୍ୟାଲିବର ରକେଟ୍ ଉତ୍କ୍ଷେପଣ ସଫଳ ହେବା ପରେ ଡିଆରଡିଓ ଏବଂ ପ୍ରତିରକ୍ଷା ଉଦ୍ୟୋଗକୁ ରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂ ଅଭିନନ୍ଦନ ଜଣାଇଛନ୍ତି। ପ୍ରତିରକ୍ଷା ଗବେଷଣା ଓ ବିକାଶ ବିଭାଗର ସଚିବ ତଥା ଡିଆରଡିଓର ଅଧ୍ୟକ୍ଷ ଡ. ଜି ସତୀଶ ରେଡ୍ଡୀ ମଧ୍ୟ ଏହି ସଫଳ ପରୀକ୍ଷଣ ପଛରେ ରହିଥିବା ଦଳର ପ୍ରୟାସକୁ ପ୍ରଶଂସା କରିଛନ୍ତି।

ବିନା ଭକ୍ତରେ ଶ୍ରୀ ଅଲାରନାଥଙ୍କ ଅଣସର ବେଶ

ପୁରୀ, ୨୫।୬(ପି.ଏନ): ପୁରୀ ଜିଲ୍ଲା ବ୍ରହ୍ମଗିରି ସ୍ଥିତ ଶ୍ରୀ ଅଲାରନାଥ ମନ୍ଦିରରେ ଆଜି ଠାରୁ ଅଣସର ନୀତି ଆରମ୍ଭ ହୋଇଛି । କରୋନା କଟକଣା ଯୋଗୁଁ ଭକ୍ତ ମାନେ ଏହି ଦୁର୍ଲ୍ଲଭ ଦର୍ଶନରୁ ବଂଚିତ ହୋଇଛନ୍ତି । ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତି ଅଣସର ପିଣ୍ଡିରେ ଅବସ୍ଥାନ କରୁଥିବାରୁ କୌଣସି ଭକ୍ତ ପ୍ରଭୁଙ୍କୁ ଦର୍ଶନ କରିପାରିବେ ନାହିଁ । ଏହି ସମୟରେ ଶ୍ରୀ ଅଲାରନାଥ ଚତୁର୍ଦ୍ଧାମୂର୍ତି ନାରାୟଣଙ୍କୁ ଦର୍ଶନ କରିବାର ପରମ୍ପରା ରହିଛି । କଥିତ ଅଛି, ୩୬୫ ଦିନ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କୁ ଦର୍ଶନ କରିବାରେ ଭକ୍ତଙ୍କୁ ଯେତିକି ପୂର୍ଣ୍ଣ୍ୟ ଫଳ ମିଳିଥାଏ । ଅନ୍ନବସର ସମୟରେ ଗୋଟିଏ ଦିନ ଶ୍ରୀ ଅଲାରନାଥଙ୍କୁ ଦର୍ଶନ କଲେ ସମାନ ପୂର୍ଣ୍ଣ୍ୟ ଫଳ ପ୍ରାପ୍ତ ହୋଇଥାଏ । ଅନ୍ନବସର ସମୟରେ ଶ୍ରୀ ଅଲାରନାଥଙ୍କ ପ୍ରତିଦିନ ବିଭିନ୍ନ ଅଣସର ବେଶ ଅନୁଷ୍ଠିତ ହୋଇଥାଏ । କେବଳ ପାଳିଆ ସେବାୟତ ମାନେ କରୋନା କଟକଣାକୁ ଅନୁପାଳନ କରି ନୀତିକାନ୍ତି ସମାପନ କରୁଛନ୍ତି ।

ବାଇ କେ ଜେଠବା ଭିଜିଲାନ୍ସ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କଲେ

କଟକ, ୨୫।୬(ପି.ଏନ): ଭାରତୀୟ ପୋଲିସ ସେବାର ଅଧିକାରୀ ବାଇ କେ ଜେଠବା ଶୁକ୍ରବାର ଅପରାହ୍ନରେ ଭିଜିଲାନ୍ସ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଦାୟିତ୍ୱ ଗ୍ରହଣ କରିବା ପରେ ସେ ଏହା ପୂର୍ବରୁ ଭିଜିଲାନ୍ସ ନିର୍ଦ୍ଦେଶକ ଦାୟିତ୍ୱରେ ଥିବା ଦିବଙ୍ଗତ ଦେବାଶୀଷ ପାଣିଗ୍ରାହୀଙ୍କ ପ୍ରତି ଶ୍ରଦ୍ଧାଂଜଳି ଅର୍ପଣ କରିଥିଲେ । ଏହା ପରେ ସେ ଭିଜିଲାନ୍ସ ନିର୍ଦ୍ଦେଶାଳୟର ଅଧିକାରୀ ମାନଙ୍କର ସହ ଆଲୋଚନା କରିଥିଲେ ଓ ସମସ୍ତଙ୍କୁ ସ୍ୱର୍ଗୀୟ ପାଣିଗ୍ରାହୀଙ୍କ ଦ୍ୱାରା ସ୍ଥାପିତ ଉଚ୍ଚ ମାନଦଣ୍ଡକୁ ଆଗକୁ ବଢାଇବା ଓ ଲୋକଙ୍କ ସେବାରେ ନିଜକୁ ସମର୍ପିତ କରିବାକୁ ଅପିଲ କରିଥିବା ଜଣା ପଡିଛି ।

ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫଳାଫଳ ପ୍ରକାଶିତ

ଭୁବନେଶ୍ୱର/କଟକ, ୨୫।୬(ପି.ଏନ): ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫଳାଫଳ ପ୍ରକାଶ ପାଇଛି । ଚଳିତ ବର୍ଷ ୯୭.୮୯ ପ୍ରତିଶତ ଛାତ୍ରଛାତ୍ରୀ ପାସ୍ କରିଛନ୍ତି । ୫ ଲକ୍ଷ ୬୨ ହଜାର ୧୦ ଜଣ ମାଟ୍ରିକ ପାସ୍ କରିଥିବା ବେଳେ ୭ ହଜାର ୭୦୩ ଜଣ ପିଲା ଫେଲ ହୋଇଛନ୍ତି । ମାଟ୍ରିକ ପରୀକ୍ଷାରେ ପୁଅଙ୍କ ଆଗରେ ଝିଅ ମାନେ ଆଗରେ ଅଛନ୍ତି । ୨ ଲକ୍ଷ ୮୧ ହଜାର ୬୫୮ ଛାତ୍ରୀ ପାସ୍ କରିଥିବା ବେଳେ ୨ ଲକ୍ଷ ୮୦ ହଜାର ୩୫୨ ଛାତ୍ର ପାସ୍ କରିଥିବା ନେଇ ସୂଚନା ଦିଆ ଯାଇଛି । । ଏ-୧ରେ ୨ ହଜାର ୬୫୬, ଏ-୨ରେ ୨୨ ହଜାର ୧୩୧ ଜଣ ପାସ କରିଛନ୍ତି । ସେହିପରି ବି-୧ରେ ୫୨ ହଜାର ୧୯୯, ବି-୨ରେ ୯୪ ହଜାର ୪୭୫ଜଣ ଛାତ୍ରଛାତ୍ରୀ ଉତୀର୍ଣ୍ଣ ହୋଇଛି । ୫ହଜାର ୯୪୫ ସ୍କୁଲରେ ପାସ୍‌ହାର ଶତପ୍ରତିଶତ ରହିଛି ।ପରୀକ୍ଷାର୍ଥୀମାନେ ସଂଧ୍ୟା ୬ଟା ପରଠୁ ଅନ୍‌ଲାଇନ୍‌ରେ ସେମାନଙ୍କର ପରୀକ୍ଷାଫଳ ଜାଣିପାରିବେ। ବୋର୍ଡର ୱେବସାଇଟ୍ www.bseodisha.ac.in ଏବଂ www.bseodisha.nic.inରୁ ପରୀକ୍ଷାଫଳକୁ ଡାଉନଲୋଡ କରାଯାଇପାରିବ। ୮ ମୋବାଇଲ ମେସେଜ ଜରିଆରେ ମଧ୍ୟ ପରୀକ୍ଷାଫଳ ଜାଣିହେବ। ମୋବାଇଲ୍‌ରେ OR01<Roll no> ଟାଇପ୍ କରି ୫୬୭୬୭୫୦ ନମ୍ବରକୁ ମେସେଜ ପଠାଇଲେ ପରୀକ୍ଷାଫଳ ମୋବାଇଲ୍‌କୁ ମେସେଜ ଜରିଆରେ ଆସିଯିବ । ବୋର୍ଡ ପକ୍ଷରୁ କୁହା ଯାଇଛି ଯେ ତେବେ ଯେଉଁ ପିଲାମାନେ ମାଟ୍ରିକ ରେଜଲ୍ଟରେ ଅସନ୍ତୁଷ୍ଟ ହୋଇଛନ୍ତି, ସେମାନେ ଚାହିଁଲେ ପରୀକ୍ଷା ଦେଇପାରିବେ । ମାର୍କରେ ଅସନ୍ତୁଷ୍ଟ ଥିବା ପିଲା ସ୍ଥିତି ସ୍ୱାଭାବିକ ହେଲେ ପରୀକ୍ଷା ଦେବେ। ପରୀକ୍ଷା ଦେବା ପାଇଁ ଜୁଲାଇ ୫ରୁ ଫର୍ମ ଫିଲ୍‌ଅପ୍ କରାଯିବ। ଅଗଷ୍ଟ ଶେଷ ସୁଦ୍ଧା ପରୀକ୍ଷା କରିବାକୁ ଚେଷ୍ଟା କରାଯିବ ବୋଲି ସୂଚନା ଦିଆ ଯାଇଛି। ଉଲ୍ଲେଖନୀୟ ଯେ ସୂଚନାଯୋଗ୍ୟ, କରୋନା ମହାମାରୀ ପାଇଁ ଚଳିତ ବର୍ଷ ମେ' ୩ ତାରିଖରୁ ଆରମ୍ଭ ହୋଇଥିବା ମାଟ୍ରିକ, ମଧ୍ୟମା, ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାକୁ ବାତିଲ କରାଯାଇଥିଲା।

ପୋଲିସ ପଞ୍ଚାରେ ପୁଣି ଦୁଇଜଣ ଫେକ୍ ମାଓବାଦୀ

କନ୍ଧମାଳ,୨୫।୬(ପି.ଏନ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ପୋଲିସକୁ ବଡ ସଫଳତା। ପୋଲିସ ପଞ୍ଚାରେ ପୁଣି ଦୁଇଜଣ ଫେକ୍ ମାଓବାଦୀ । ଚଳିତ ମାସ ଗତ ୧୦ତାରିଖ ବିଳମ୍ବିତ ରାତିରେ ଦାରିଙ୍ଗବାଡି ଥାନା ମକପାଟା ଓ ଟେପାରୀ ଗାଁରେ ହୋଇଥିଲା ଡାକାୟତି । ମାଓବାଦୀ ନାମରେ ଡକାୟତି କରିଥିଲେ ୬ଜଣିଆ ଗ୍ୟାଙ୍ଗ । ଘଟଣାରେ ଗତ ୧୦ ତାରିଖରେ ୪ଜଣ ଫେକ ମାଓବାଦୀଙ୍କୁ ଗିରଫ କରିଥିଲା ଦାରିଙ୍ଗବାଡି ପୋଲିସ । ଫେରାର ଥିବା ୨ଜଣଙ୍କୁ ଟ୍ରାକ କରୁଥିଲେ ସାଇବର ଏକ୍ସପୋର୍ଟ । ଘଟଣା ପ୍ରକାରେ ଗତ୧୦ ତାରିଖ ବିଳମ୍ବିତ ରାତିରେ ଦାରିଙ୍ଗବାଡି ଥାନା ମକପାଟ ଗାଁର ବିଶ୍ୱନାଥ ପ୍ରଧାନଙ୍କ ପରିବାର ଲୋକଙ୍କୁ ଧମାକାଇବା ସହ ବନ୍ଧସ୍ୱଳ,ଖଣ୍ଡା, କାତି ଆଦି ମାରଣାସ୍ତ୍ର ଦେଖାଇ ନିଜକୁ ମାଓବାଦୀର ପରିଚୟ ଦେଇ ଟଙ୍କା, ସୁନା ଓ ଡାଲି, ଚାଉଳ ଲୁଟି ନେଇଥିଲେ ୬ଜଣିଆ ଡକାୟତି ଗ୍ୟାଙ୍ଗ । ଏନେଇ ଉଭୟ ପରିବାର ପକ୍ଷରୁ ଦାରିଙ୍ଗବାଡି ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ପ୍ରକାରେ ବାଲିଗୁଡା ଏସଡିପିଓ ମନୋଜ ପୁଜାରୀଙ୍କ ନିର୍ଦ୍ଦେଶନାରେ ଦାରିଙ୍ଗବାଡି ଥାନା ଅଧିକାରୀ କୌଶିକ ମାଝୀଙ୍କ ନେତୃତ୍ୱରେ ଗଠନ ହୋଇଥିଲା ଏକ ସ୍ୱତନ୍ତ୍ର ଟିମ ।

କିସ୍‌ରୁ ମାଟ୍ରିକ୍ ପାଶ୍ କଲେ ଦାନ ମାଝୀଙ୍କ ଝିଅ

ଭୁବନେଶ୍ୱର,୨୫।୬(ପି.ଏନ): ଶୁକ୍ରବାର ପ୍ରକାଶିତ ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ୍ (କିସ୍)ର ଫଳାଫଳ ଶତ ପ୍ରତିଶତ ହୋଇଛି। ସ୍କୁଲ୍‌ର ୬୨୯ ଛାତ୍ରଛାତ୍ରୀ ୭୦ପ୍ରତିଶତରୁ ଅଧିକ ନମ୍ବର ରଖି ଉତୀର୍ଣ୍ଣ ହୋଇଛନ୍ତି। ରାଜ୍ୟ ଫଳାଫଳ ୯୭.୮୯ ପ୍ରତିଶତ ହୋଇଥିବା ବେଳେ କିସ୍‌ର ପାସ୍ ହାର ଶତ ପ୍ରତିଶତ ହୋଇଛି। ଚଳିତବର୍ଷ କିସ୍‌ର ମୋଟ ୧୯୦୦ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେଇଥିଲେ। ଗଜପତି ଜିଲ୍ଲା ସଉରା ସଂପ୍ରଦାୟର ମୋହନ ଚରଣ ରଇତ ସର୍ବାଧିକ ୫୪୦ ନମ୍ବର ରଖି କିସ୍ ଟପ୍‌ପର ହୋଇଛନ୍ତି। ଚଳିତବର୍ଷ ଡିଡାଇ, ଜୁଆଙ୍ଗ, ଖଡ଼ିଆ, କୁଟିଆ କନ୍ଧ, ଲୋଧା, ଲାଞ୍ଜିଆ ସଉରା ଓ ବଣ୍ଡା ଆଦି ଆଦିମ ଜନଜାତିର ୫୭୩ ଜଣ ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି।ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ବହୁ ଚର୍ଚ୍ଚିତ ଦାନ ମାଝୀଙ୍କ ବଡ଼ ଝିଅ ଚାନ୍ଦିନୀ ମାଝୀ କୃତକାର୍ଯ୍ୟ ହୋଇଛନ୍ତି। ସେ ଓ ତାଙ୍କର ଅନ୍ୟ ଦୁଇ ସାନ ଭଉଣୀ କିସ୍‌ରେ ରହି ପାଠ ପଢୁଛନ୍ତି। ୨୦୧୬ ମସିହାରେ କଳାହାଣ୍ଡି ଜିଲ୍ଲା ଥୁଆମୂଳ-ରାମପୁର ବ୍ଲକ ଅର୍ନ୍ତଗତ ମେଲଘର ଗାଆଁର ଦାନ ନିଜ ପତ୍ନୀଙ୍କ ଶବକୁ ଦୀର୍ଘ ୧୦ କିଲୋମିଟର କାନ୍ଧରେ ବୋହି ଚାଲି ଚାଲି ଆସିବା ଘଟଣା ଚର୍ଚ୍ଚାକୁ ଆସିଥିଲା। ସେତେବେଳେ ଏହି ଘଟଣା କିସ୍ ଓ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ନଜରକୁ ଆସିବା ପରେ ସେ ଦାନଙ୍କ ତିନି ଝିଅଙ୍କୁ କିସ୍‌ରେ ରଖି ପାଠ ପଢ଼ାଇବାର ବନ୍ଦୋବସ୍ତ କରିଥିଲେ। ଦାନଙ୍କ ଝିଅ ମାଟ୍ରିକ୍ ପାଶ୍ କରିବା ପରେ କଳାହାଣ୍ଡି ଜିଲ୍ଲା ଜନଜାତି ଲୋକଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଅସମୟରେ କିସ୍ ସାହାଯ୍ୟର ହାତ ବଢାଇବାରୁ ଆଜି ତାଙ୍କ ବଡ଼ଝିଅ ମାଟ୍ରିକ୍ ପାଶ୍ କରିପାରିଛି ଏବଂ ଅନ୍ୟ ଦୁଇ ଝିଅ କିସ୍‌ରେ ଭଲରେ ରହି ପାଠ ପଢ଼ି ପାରୁଛନ୍ତି ବୋଲି ସେମାନେ କହିଛନ୍ତି। କିସ୍ ଫଳାଫଳ ନେଇ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆନନ୍ଦ ପ୍ରକାଶ କରିବା ସହ କିସ୍‌ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ଅଦମ୍ୟ ଉଦ୍ୟମ ଓ ଛାତ୍ରଛାତ୍ରୀଙ୍କ କଠିନ ପରିଶ୍ରମ ଯୋଗୁଁ ଏହା ସମ୍ଭବ ହୋଇଛି ବୋଲି କହିଛନ୍ତି।

ବାଣପୁରରେ ଜଳବନ୍ଦୀ ସମସ୍ୟା ନେଲାଣି ଉଗ୍ରରୂପ: ପ୍ରଶାସନର ଭାଙ୍ଗୁନି ନିଦ

ଖୋର୍ଦ୍ଧା,୨୫।୬(ପି.ଏନ): ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବାଣପୁର ଏନଏସି ଦିନକୁ ଦିନ ଉନ୍ନତି କରିବା ବଦଳରେ ଉପାନ୍ତ ଅଂଚଳରେ ପରିବର୍ତନ ହେବାକୁ ବସିଲାଣି। କେବଳ ନାମକୁ ମାତ୍ର ଏନଏସି ମାନ୍ୟତା। ସହରରେ ଅସରାଏ ବର୍ଷା ହେଲେ ଏହା କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି କରୁଛି। ତେବେ ସବୁଠାରୁ ଲଜ୍ୟାଜନକ ବିଷୟ ହେଲା ବାରମ୍ବାର ଖବର ପ୍ରସାରଣ ପରେ ମଧ୍ୟ ସ୍ଥାନୀୟ ଅବା ଜିଲ୍ଲା ପ୍ରଶାସନ କାହାର ବି ନିଦ ଭାଙ୍ଗୁନାହିଁ। ସହରର ମୁଖ୍ୟ ରାସ୍ତ

ଟି ଟାଇମ୍

ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ମାର୍ଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ୍ୟ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଡୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

ପୁରାଣ କାହାଣୀ

ପଣ୍ଡୁ ଓଷା

ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ। ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ। ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ। ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ। ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ। ନାରୀମାନେ ଏହି ବ୍ରତ ମାଧ୍ୟମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା। ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି। ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ। ଚିତା ଓ ମୁରୁଜ ତା' ଉପରେ ପକାଯାଏ। ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବ୍ୟେଦ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ। ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା। ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ। ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ। ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ୍ୟ ବଢ଼ାଯାଏ। ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ। ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ।

ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି। ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ। ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ। ପରେ ଖଣ୍ଡପଡା ନିକଟସ୍ଥ ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ। ତାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର। ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ। ବିଚିତ୍ରବର୍ଣ୍ଣା ବ୍ରହ୍ମଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ। ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛିରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ। ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ। ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ। ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ। ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ। ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ। ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା। ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ)। ଏହି ଗ୍ରନ୍ଥର ମୋଟ୍ଟ ଶ୍ଳୋକ ସଂଖ୍ୟା ୨୫୦୦। ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି। ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ।

ଆଜିର ଭାଗ୍ୟ

ମେଷ — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

ବୃଷ — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

ମିଥୁନ — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

କର୍କଟ — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

ସିଂହ — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

କନ୍ୟା — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

ତୁଳା — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ୍ୟ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

ବିଛା — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

ଧନୁ — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

ମକର — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

କୁମ୍ଭ — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

ମୀନ — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ

ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି। କାଗଜରେ ନିର୍ଦ୍ଦେଶ ବି ଆସୁଛି। ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ। ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି। ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା। କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା। ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା। ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା। ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ। ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ। ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ। ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ। ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ। ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ। ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ। ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋଫାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ। ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ

ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ। କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି। ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷର

ଆନ୍ତର୍ଜାତିକ ଦୃଶ୍ୟପଟରେ ଭାରତୀୟ ନାରୀ

ଯେଉଁ କଥାଟି ସମୟକ୍ରମେ ଅବହେଳିତ ହୋଇଯାଏ, ଯେଉଁ ବ୍ୟକ୍ତିବିଶେଷଙ୍କ ପ୍ରତି ଯଦି ଯଥୋଚିତ ସମ୍ମାନ ପ୍ରଦର୍ଶନ କରାନ ଯାଏ, ସେ କ୍ଷେତ୍ରରେ ଉକ୍ତ ପରିବେଶ ବା ସାମାଜିକ ଶୃଙ୍ଖଳା ମଧ୍ୟରେ ନାନା ବିଭ୍ରାଟ ଘଟି ସନ୍ତୁଳନରେ ବ୍ୟାଘାତ ଆସେ। ପରବର୍ତ୍ତୀ ସମୟରେ ଏହାର ପୂର୍ବାବସ୍ଥାକୁ ଫେରାଇ ଆଣିବାକୁ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆନ୍ତର୍ଜାତିକ ବା ଜାତୀୟ ସ୍ତରରେ ନାନା ପ୍ରଚେଷ୍ଟା କରାଯାଏ ଏବଂ ଏଥିପାଇଁ ନିର୍ଦ୍ଦିଷ୍ଟ ଦିବସ ବା ସମୟକୁ ସମ୍ମାନ ଦେଇ ପାଳନ କରାଯାଏ ଓ ସେହି ଉଦ୍ଦେଶ୍ୟକୁ ନେଇ ଦିବସ

ବା ସମୟକୁ ନାମିତ କରାଯାଏ। ଏହିପରି ଆନ୍ତର୍ଜାତିକ ବା ଜାତୀୟ ସ୍ତରରେ ଯେତେ ଦିବସ ପାଳନ କରାଯାଏ, ସେଗୁଡ଼ିକ ମଧ୍ୟରେ ମହିଳା ଦିବସ ଅନ୍ୟତମ। ଏହି ଦିବସଟି ମାର୍ଚ୍ଚ ୮ତାରିଖରେ ଆନ୍ତର୍ଜାତିକ ସ୍ତରରେ ପାଳିତ ହୁଏ। ନାରୀହିଁ ଆଦ୍ୟାଶକ୍ତି, ଈଶ୍ୱରୀ। ସେ ଆମ ପାଖରେ ଦେବୀ, ଜନ୍ମଦାତ୍ରୀ, ଭଗିନୀ, ଜାୟା ଏବଂ ଧାତ୍ରୀ ରୂପେ ସଦ୍ୟ ବିଦ୍ୟମାନ। ସେ କେବେ ସେବିକା ତ କେବେ ପୁଣି ପ୍ରେମିକା

ରୂପେ ପ୍ରେମ ଆକ୍ଳାଦିନୀ। କେବେ ସୃଜନର କର୍ତ୍ତୀ ତ କେବେ ଅନ୍ୟାୟ ଏବଂ ଅତ୍ୟାଚାର ବିରୁଦ୍ଧରେ ଦୁର୍ଗା, ସଂହାର କାରିଣୀ; ଆଉ କେତେବେଳେ ସେ ବିପଦନାଶିନୀ, ମା' ତାରିଣୀ ଓ ଅଭୟ ଦାୟିନୀ।

ବୈଦିକ ଯୁଗରୁ ନାରୀର ସ୍ଥାନ ସମାଜରେ ପୁରୁଷ ସହିତ ସମାନ ଥିଲା। ସେ ପୁରୁଷର ଦୁଃଖ-ସୁଖରେ ସହଭାଗିନୀ ଥିଲା। ଦାମ୍ପତ୍ୟ ଜୀବନରେ ସହଧର୍ମି ହେତୁ ସେ ସହଧର୍ମିଣୀ ଥିଲା। ପୁରୁଷ ପରି ନାରୀମାନଙ୍କର ସମାଜରେ ମଧ୍ୟ କିଛି ନାମକରା ଆସନ ଥିଲା। ଅନେକ ନାରୀ ନିଜସ୍ୱ କୃତିତ୍ୱ ବଳରେ ଏଯାବତ୍ ତାଙ୍କ ନାମକୁ ସ୍ୱର୍ଣ୍ଣାକ୍ଷରରେ ଇତିହାସରେ ଲେଖାଯାଇଛନ୍ତି। ଏହିପରି ପ୍ରାଚୀନ ଯୁଗୀୟ ନାରୀମାନଙ୍କ ମଧ୍ୟରେ ଅଛନ୍ତି ବିଶ୍ୱବରା, ଲୋପାମୁଦ୍ରା, ମୈତ୍ରେୟୀ, ଗାର୍ଗୀ, ଲୀଳାବତୀ, ସୀତା ଏବଂ ସାବିତ୍ରୀ; ମଧ୍ୟଯୁଗୀୟ ନାରୀମାନଙ୍କ ମଧ୍ୟରେ ଅଛନ୍ତି ଅହଲ୍ୟାବାଈ, ମୀରାବାଈ, ଦୁର୍ଗାବତୀ, ପଦ୍ମିନୀ, ଝାନସୀ ରାଣୀ ଲକ୍ଷ୍ମୀବାଈ ଇତ୍ୟାଦି।

ମା' ହିସାବରେ ନାରୀଟିଏ କେତେ ଗୁଣୀ, ଜ୍ଞାନୀ ଓ ମହାପୁରୁଷଙ୍କର ସେ ଜନନୀ; ରାମ, ରହିମ, କୃଷ୍ଣ , ଯୀଶୁ, ବୁଦ୍ଧ, ମହାବୀର, ଚୈତନ୍ୟ, ବିବେକାନନ୍ଦ, ମଦର ଟେରେସା

ଏବଂ ଗାନ୍ଧି ଇତ୍ୟାଦି ଯୁଗ ଏବଂ ଯୋଗଜନ୍ମାଙ୍କର, ସେ ଦେବୀ, ଶ୍ରୀଦେବୀ। ଏହି କାରଣରୁ ମା'ର ବନ୍ଦନା ହିଁ ପ୍ରଥମ। ତା' ବିନା ସୃଷ୍ଟି ହିଁ ସ୍ୱପ୍ନ ନାହିଁ। ତାହାର କରୁଣାରୁ ବହୁଛି ମଣିଷ ଜାତିର ଜୀବନ ଗଙ୍ଗା। ସେ ହିଁ ପତିତପାବନୀ ମା' ଗଙ୍ଗା। ଏଥିପାଇଁ ଯୁଗଯୁଗ ଧରି ନାରୀ ଜାତିର ସମ୍ମାନ ସର୍ବଦା ଊର୍ଦ୍ଧ୍ୱରେ ରହିଅଛି। ଦ୍ୱାଦଶ ଶତାବ୍ଦୀ ବେଳକୁ ନାରୀ ହେଲା ପୁରୁଷର କ୍ରୀଡ଼ନକ; ପୁରୁଷର ଭୋଗ ସାମଗ୍ରୀ। ସମାଜରେ ବାଲ୍ୟ ବିବାହ, ପରଦାପ୍ରଥା, ସତୀଦାହ ପ୍ରଥା, ଯୌତୁକ ପ୍ରଥା, ବହୁନାରୀ ବିବାହ ପ୍ରଥା ଇତ୍ୟାଦି କୁସଂସ୍କାର ପ୍ରବେଶ କଲା। ସେ ହେଲା ନିର୍ଯାତିତା, ପୁଣି ପଣ୍ୟଦ୍ରବ୍ୟ। କୋଉଠି ହେଲା ପୋଇଲି, ଦାସୀ ତ କୋଉଠି ଖଟିଲା ଗୋଟି। ସବଳା ନାରୀ ପାଲଟିଗଲା ଦୁର୍ବଳା।

ପୁଣି ସମୟର ଚକ ଘୂରିଲା। ଅନେକ ସଂସ୍କାରବାଦୀ ନାରୀମାନଙ୍କର ସ୍ଥିତିର ପରିବର୍ତ୍ତନ ତଥା ସମାଜରେ ତାଙ୍କୁ ନ୍ୟାଯ୍ୟ ଦାବୀ ପୂରଣରେ ଅଣ୍ଟା ଭିଡ଼ିଲା। ଏହିପରି ମର୍ଯ୍ୟାଦାବନ୍ତ ବ୍ୟକ୍ତିମାନେ ହେଲେ ରାଜା ରାମମୋହନ ରାୟ, ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ଏବଂ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ପ୍ରମୁଖ।

ଭାରତର ସ୍ୱାଧୀନତା ସଂଗ୍ରାମ ଅର୍ଥାତ୍ ୧୮୫୭ ମସିହାଠାରୁ ଭାରତୀୟ ନାରୀମାନଙ୍କ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ଜାଗରଣ ଘଟିଛି। ସେମାନେ ସ୍ୱତଃପ୍ରବୃତ୍ତ ଭାବେ ଇଂରେଜ ବିରୁଦ୍ଧରେ ସଂଗ୍ରାମ କରିବାକୁ ଓହ୍ଲାଇ ଆସିଛନ୍ତି ଘରକୋଣରୁ। ୧୮୫୭ ପୂର୍ବରୁ ୧୮୨୪ ଜାନୁୟାରୀ ୩୦ରେ ଇଂରେଜ ବିରୁଦ୍ଧରେ ଲଢ଼ି ପ୍ରାଣବଳି ଦେଇଥିଲେ ଜିତୁର (କର୍ଣ୍ଣାଟକ)ର ରାଣୀ ଚିନ୍ନାମା। ସେ ସ୍ୱାଧୀନତା ସଂଗ୍ରାମର ପ୍ରଥମ ସହିଦ୍। ୧୮୫୭ ଏବଂ ଏହାର ପରବର୍ତ୍ତୀ ସମୟରେ ଯେଉଁମାନେ ଏଥିରେ ଅଂଶଗ୍ରହଣ କରିଥିଲେ ତାଙ୍କ ଭିତରେ ଅଛନ୍ତି ରାଣୀ ଲକ୍ଷ୍ମୀବାଈ, କସ୍ତୁରବା ଗାନ୍ଧି, ସରୋଜିନୀ ନାଇଡୁ, ମହାଦେବୀ ବର୍ମା, ସୁଭଦ୍ରା କୁମାରୀ ଚୌହାନ, ଅରୁଣା ଆସଫ ଅଲ୍ଲୀ, ଲକ୍ଷ୍ମୀ ସେହେଗାଲ୍ ଯେକି ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ପ୍ରଥମ ମହିଳା କମାଣ୍ଡିଙ୍ଗ ମହିଳା ଅଫିସର ଏବଂ ଓଡ଼ିଶାରୁ ଏମାନଙ୍କ ମଧ୍ୟରେ ଅଛନ୍ତି ମା' ରମାଦେବୀ, ମାଳତୀ ଚୌଧୁରୀ, ସରଳା ଦେବୀ, ଅନ୍ନପୂର୍ଣ୍ଣା ମହାରଣା, ବସନ୍ତ ମଞ୍ଜରୀ ଦେବୀ, ନନ୍ଦିନୀ ଶତପଥୀ, ପାର୍ବତୀ ଗିରି, ପ୍ରଭାବତୀ ଦେବୀ, ଜୟବତୀ ଦେବୀ, ଗୋଦାବରୀ ଦେବୀ, କୋକିଳା ଦେବୀ, ହାରାମଣି କାନୁନ୍‌ଗୋ ଏବଂ ଅନ୍ୟମାନେ।

ଭାରତୀୟ ନାରୀମାନେ ବିଭିନ୍ନ କ୍ଷେତ୍ରରେ ସ୍ୱକୀୟ ପରାକାଷ୍ଠା ଦେଖାଇ ସାରିଲେଣି। ଏମିତିରେ ଆମର ପ୍ରଥମ ରାଷ୍ଟ୍ରପତି (ମହିଳା) ଶ୍ରୀମତୀ ପ୍ରତିଭା ସିଂହ ପାଟିଲ, ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ: ଇନ୍ଦିରା ଗାନ୍ଧି, ପ୍ରଥମ ମହିଳା ରାଜ୍ୟପାଳ ସରୋଜିନୀ ନାଇଡୁ, ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ: ସୁଚେତା କୃପାଳିନୀ, ପ୍ରଥମ ମହିଳା କେନ୍ଦ୍ର ମନ୍ତ୍ରୀ: ରାଜକୁମାରୀ ଅମୃତ କାଉଲ, ସେବାପାଇଁ ପ୍ରଥମ ନୋବେଲ ପୁରସ୍କାର ବିଜେତା: ମଦର ଟେରେସା, ପ୍ରଥମ ମହିଳା ବିଚାରପତି ଲୀଳା ସେଠ୍, ବିଶ୍ୱବିଖ୍ୟାତ ଚିତ୍ରକର ଅମୃତା ସେରଗିଲ୍, ଭାରତର ପ୍ରଥମ ମହିଳା ଯେକି ମସ୍କୋ, ୱାସିଂଟନ ଓ ଲଣ୍ଡନରେ ରାଷ୍ଟ୍ରଦୂତ ଥିଲେ ଏବଂ ୧୯୫୩ରେ ଜାତିସଂଘର ପ୍ରଥମ ମହିଳା ଅଧ୍ୟକ୍ଷା ହୋଇଥିଲେ ସେ ହେଉଛନ୍ତି ବିଜୟଲକ୍ଷ୍ମୀ ପଣ୍ଡିତ୍, ହୋମଲ ଭୈରୱାଲା ହେଉଛନ୍ତି ଦେଶର ପ୍ରଥମ ଫଟୋ ଜର୍ନାଲିଷ୍ଟ, ହରିତ୍ କୌର ଦେଓ୍ୱାଲ୍ ହେଉଛନ୍ତି ଭାରତର ପ୍ରଥମ ମହିଳା ଏୟାଫୋର୍ସ ପାଇଲଟ୍, ଦେଶର ପ୍ରଥମ ଏବଂ ବିଶ୍ୱର ପଞ୍ଚମ ମହିଳା ପର୍ବାତାରୋହୀ ହେଉଛନ୍ତି ବଚ୍ଛେନ୍ଦ୍ରୀ ପାଲ ଯିଏକି ମାଉଣ୍ଟ



ଏଭେରେଷ୍ଟ ୧୯୮୪ ମସିହାରେ ଆରୋହଣ କରିଥିଲେ, ପ୍ରଥମ ମହିଳା ମହାକାଶଚାରୀ କଳ୍ପନା ଚାଓ୍ୱାଲା, ପ୍ରଥମ ମହିଳା ଡାକ୍ତର : କାଦମ୍ବିନୀ ଗାଙ୍ଗୁଲି, ପ୍ରଥମ ମହିଳା ଆଇ.ପି.ଏସ୍. ଅଫିସର, କିରଣ ବେଦୀ, ପ୍ରଥମ ବ୍ରହ୍ମାଣ୍ଡ ସୁନ୍ଦରୀ: ସୁସ୍ମିତା ସେନ୍, ପ୍ରଥମ ମହିଳା ଅଟୋ ଡ୍ରାଇଭର ସୁନିତା ଚୌଧୁରୀ, ଅଲିମ୍ପିକ କ୍ରୀଡାର ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ପହଞ୍ଚି ପାରିଥିବା କ୍ରୀଡାବିତ୍ ପି.ଟି. ଉଷା, ପ୍ରଥମ ମହିଳା ଗ୍ରାଣ୍ଡମାଷ୍ଟର: କୋନେରୁ ହମ୍ପି, ପ୍ରଥମ ମହିଳା ଇଂଲିଶ ଚାନେଲ୍ ସନ୍ତରଣକାରୀ : ଆରତି ସାହା, ପ୍ରଥମ ମହିଳା ମହିଳା ଗ୍ରାଣ୍ଡ ସ୍ଲାମ୍ ଟାଇଟଲ୍ ହାସଲକାରୀ: ସାନିଆ ମିର୍ଜା। ଆମେ ଏଠାରେ କେବଳ ପ୍ରଥମ କଥା କହୁଛୁ; ଆଉ ଅନ୍ୟମାନଙ୍କ କଥା ହିସାବକୁ ନେଇନାହୁଁ। ତେବେ ଏତିକି କହିଲେ ଯଥେଷ୍ଟ ହେବ ଯେ ଏବେ ଭାରତୀୟ ନାରୀମାନେ କେବଳ ପୁରୁଷଙ୍କ ସହ ସମକକ୍ଷ ନୁହଁନ୍ତି, ଅଧିକନ୍ତୁ ଅନେକ କ୍ଷେତ୍ରରେ ନାଁ, ସଂଖ୍ୟା, ଗୁଣରେ ମଧ୍ୟ ଅଧିକ ପ୍ରମୁଖ ଆସନ ମାଡ଼ିବସିଲେଣି। ସେହିପରି ନାରୀଶକ୍ତିକୁ ପରିଭାଷିତ କରିଥିବା ଓଡ଼ିଆମାନଙ୍କ ମଧ୍ୟରେ ଅଛନ୍ତି ସମାଜସେବୀରେ, ମା' ରମାଦେବୀ ଏବଂ ତୁଳସୀମୁଣ୍ଡା, ରାଜନୀତିରେ: ବସନ୍ତମଞ୍ଜରୀ ଦେବୀ ଓ ନନ୍ଦିନୀ ଶତପଥୀ; ସାହିତ୍ୟରେ: କୁନ୍ତଳାକୁମାରୀ ସାବତ ଏବଂ ରାଜଶ୍ରୀ ଦଳବେହେରା, ନୃତ୍ୟରେ: ସଂଯୁକ୍ତା ପାଣିଗ୍ରାହୀ ଓ ମିନତି ମିଶ୍ର, ଚଳଚ୍ଚିତ୍ରରେ

ପାର୍ବତୀ ଘୋଷ, କ୍ରୀଡ଼ାରେ: ଜ୍ୟୋତି ସୁନିତା କୁଲ୍ଲୁ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ସଙ୍ଗୀତରେ ସୁନନ୍ଦା ପଟ୍ଟନାୟକ ଓ ଶ୍ୟାମାମଣୀ ଦେବୀ, ବିଚାରପତିରେ : ନ୍ୟାୟମୂର୍ତ୍ତି ଅମୀୟ କୁମାରୀ ପାଢ଼ୀ, ନ୍ୟାୟମୂର୍ତ୍ତି ସଂଜୁ ପଣ୍ଡା, ମାଧୁରୀ ପଟ୍ଟନାୟକ ଓ ବାସନ୍ତୀ ଦେବୀ। ପ୍ରଶାସିକାରେ: ରୂପା ମିଶ୍ର, ଚିକିତ୍ସକ ହିସାବରେ: ବୀଣା ଦେଈ ଏବଂ ଜ୍ୟୋତ୍ସ୍ନା ଦେଈ, ଶିକ୍ଷାବିତ୍ ଭାବେ ପ୍ରିୟମ୍ବଦା ମହାନ୍ତି (ହେଜମାଦି)। ଏହିପରି ଓଡ଼ିଶାରେ ନାରୀ ପ୍ରଗତିର ପଟାନ୍ତର ନାହିଁ। ଏବେ ଭାରତରେ ନାରୀମାନଙ୍କୁ ଆଇନ ବଳରେ ପର୍ଯ୍ୟାପ୍ତ ସ୍ୱାଧୀନତା ଦିଆଯାଇଛି। ୧୯୯୨ର ୭୩ତମ ସଂଶୋଧନ ଅନୁଯାୟୀ ରାଜନୀତି କ୍ଷେତ୍ରରେ ତାଙ୍କ ପାଇଁ ସଂସଦ ଓ ବିଧାନସଭାରେ ୧/୩ ଅଂଶ ସ୍ଥାନ ସଂରକ୍ଷିତ ହୋଇଛି। ଭାରତରେ ପଞ୍ଚାୟତିରାଜ ଅନୁଷ୍ଠାନରେ ମହିଳାମାନଙ୍କ ସ୍ଥାନ ୫୦% ହେବାକୁ ଯାଉଛି। ଓଡ଼ିଶା ଏହି ୫୦% ମହିଳାମାନଙ୍କ ପାଇଁ ସଂରକ୍ଷଣ କରିବାରେ ଅଗ୍ରଣୀ ରାଜ୍ୟ। ସବୁକ୍ଷେତ୍ରରେ ଏବେ ମହିଳାମାନଙ୍କ ପ୍ରବେଶ ଏବଂ ସେମାନେ ତାଙ୍କ ବୃତ୍ତିରେ ମଧ୍ୟ ସେମାନଙ୍କର ଚମତ୍କାରିତା ସୃଷ୍ଟି କରିଛନ୍ତି। ସ୍ୱାଧୀନତା ପୂର୍ବର ମହିଳାମାନଙ୍କ ଅବସ୍ଥା ଏବେ ସଂପୂର୍ଣ୍ଣ ପରିବର୍ତ୍ତନ ହୋଇଯାଇଛି।

ତଥାପି ପୁରୁଷମାନଙ୍କର ପ୍ରାଧାନ୍ୟ କମିନାହିଁ। ଏବେ ନାରୀମାନେ ନିର୍ଯାତିତ, ଧର୍ଷିତ, ଅବହେଳିତ। ନାରୀମାନଙ୍କ ପ୍ରଗତିପାଇଁ ଆମକୁ ଆହୁରି ଅନେକ ବାଟ ଚାଲିବାର ଅଛି। ଖୁସି ଯେ ନାରୀମାନେ ଏବେ ନିଜ ସଂପର୍କରେ ଯଥେଷ୍ଟ ସଚେତନ ହେଲେଣି। ନାରୀମୁକ୍ତି ଆନ୍ଦୋଳନରେ ସେମାନେ ନିଜକୁ ସାମିଲ କରି ନିଜର ଦାବୀକୁ ହାସଲ କରିବାରେ ସମର୍ଥ ହେଲେଣି। ୧୯୩୫ ମାର୍ଚ୍ଚ ୨ ତାରିଖ ଦିନ ନୂଆଦିଲ୍ଲୀରେ ସରୋଜିନୀ ନାଇଡୁ ମହିଳାମାନଙ୍କ ସଂପର୍କରେ ଦେଇଥିବା ଏକ ଭାଷଣରେ କହିଥିଲେ, "ମହିଳାମାନେ ପୁରୁଷମାନଙ୍କର ଆଉ ହାତହତିଆର ବା ଖେଳନା କଣ୍ଢେଇ ନୁହଁନ୍ତି। ମହିଳାମାନେ ବର୍ତ୍ତମାନ ନୂତନ ଉନ୍ମାଦନାରେ ଓ କର୍ମଶକ୍ତିରେ ଉଦ୍‌ବୁଦ୍ଧ ହୋଇଛନ୍ତି। ସେମାନଙ୍କୁ ଯେଉଁ ଦାୟିତ୍ୱ ଆଜିପର୍ଯ୍ୟନ୍ତ ଦିଆଯାଇଆସିଛି, କେବଳ ସେତିକି ପାଳନ କରି ଆଜି ସେମାନେ ଚାଲନ୍ତୁ- ଏହା ଆମେ ଚାହୁଁନାହୁଁ। ମହିଳାମାନେ ଆଇନ୍ କ୍ଷେତ୍ରରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏବଂ ତଜ୍ଜନିତ ଅନେକ କଷ୍ଟ ଭୋଗୁଛନ୍ତି। ଆଜି ଆମ୍ଭେମାନେ ଦେଶର ନୈତିକ, ଅର୍ଥନୈତିକ ଓ ରାଜନୈତିକ ଅଭିବୃଦ୍ଧି ପାଇଁ ପୁରୁଷମାନଙ୍କ ବେକରେ ଗୋଟାଏ ବୋଝ ହୋଇ ଝୁଲିବାକୁ ଆଉ ଚାହୁଁନାହୁଁ।"

ବାସ୍ତବିକ୍ ୧୯୩୫ ମସିହାରେ ସରୋଜିନୀ ନାଇଡୁଙ୍କର ଏ ଭାଷଣ ଆଜି କାର୍ଯ୍ୟତଃ ସାକାର ହୋଇଛି।

କେବଳ ଭାରତ ନୁହେଁ, ବିଶ୍ୱସ୍ତରରେ ନାରୀମୁକ୍ତି ଆନ୍ଦୋଳନ ପାଇଁ ସବୁଦେଶ ତପ୍ତର। ଆନ୍ତର୍ଜାତିକ ସ୍ତରରେ ଏ ନେଇ ପ୍ରତିବର୍ଷ ମାର୍ଚ୍ଚ ୮ତାରିଖକୁ ମହିଳା ଦିବସ ରୂପେ ପାଳନ କରାଯାଏ। ଅନେକେ ଏ ଦିବସଟିର ଯଥାର୍ଥ ତାତ୍ପର୍ଯ୍ୟ ନ ବୁଝି ଏହାକୁ ମାତୃଦିବସ ଅଥବା ଭାଲେନ୍‌ଟାଇନ୍ ଦିବସ କିମ୍ବା ସେହିପରି ଅର୍ଥରେ ପାଳନ କରିଥାଆନ୍ତି। ବାସ୍ତବରେ ଏହା ତାହା ନୁହେଁ। ସମଗ୍ର ବିଶ୍ୱର ନାରୀମୁକ୍ତି, ନାରୀ ସ୍ୱତନ୍ତ୍ରତା ଏବଂ ନାରୀର ପ୍ରଗତି ନିମନ୍ତେ ସଚେତନତା ସୃଷ୍ଟି କରିବା ଅର୍ଥରେ ଏହା ଏକ ଦିବସ। ପୂର୍ବ ଇଉରୋପ, ରଷ ଏବଂ ଅନ୍ୟ ସୋଭିଏତ ଦେଶରେ ଏହା ବିଶେଷତଃ ଛୁଟିଦିନ ଭାବେ ପାଳନ ହୋଇଆସୁଛି। ସୋସିଆଲିଷ୍ଟ ପାର୍ଟି ଆମେରିକାର ଘୋଷଣାକ୍ରମେ ୧୯୦୯ ଫେବୃୟାରୀ ୨୮ରେ ପ୍ରଥମେ ଇଂଲଣ୍ଡ ଦ୍ୱାରା ଏହା ଜାତୀୟ ମହିଳା ଦିବସ ରୂପେ ପାଳିତ ହୋଇଥିଲା। ୧୯୭୫ରେ ପ୍ରଥମ ମିଳିତ ଜାତିସଂଘ ଦ୍ୱାରା ମାର୍ଚ୍ଚ ୮କୁ ଆନ୍ତର୍ଜାତିକ ମହିଳା ଦିବସ ରୂପେ ଆୟୋଜନ କରାଗଲା। ଏଥିପାଇଁ ପ୍ରତିବର୍ଷ ମିଳିତ ଜାତିସଂଘ ତରଫରୁ ଏକ ଥିମ୍ ରଖାଯାଇଥାଏ। ମହିଳାଙ୍କ ଅର୍ଥନୈତିକ, ରାଜନୀତିକ ଏବଂ ସାମାଜିକ ସଫଳତାର ଉତ୍କର୍ଷ ସ୍ୱରୂପ ଏହା ଅନୁଷ୍ଠିତ ହୋଇଥାଏ। ଭାରତରେ ମହିଳାଙ୍କ ଉନ୍ନତିକଳ୍ପେ ଯଥେଷ୍ଟ ସୁବିଧା ଓ ସୁଯୋଗ ସୃଷ୍ଟି କରାଯାଇଛି। ଏପରିକି ଚଳିତ ବଜେଟ୍‌ରେ ମହିଳାମାନଙ୍କ ପାଇଁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହା ନିଶ୍ଚିତ ଭାବରେ ଉତ୍ତମ ଲକ୍ଷଣ। ଆସନ୍ତୁ, ସେହି ନାରୀଶକ୍ତିର ଜୟଗାନ କରିବା: ଜୟ ଈଶ୍ୱରୀ ପତିତପାବନୀ ଲକ୍ଷ୍ମୀ ଗୋ ଜୟନାରୀ...!

ବିପିନବିହାରୀ ମହାନ୍ତି,
ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮

ନାରୀ ଓ ପୁରୁଷ-ଏକ ମୁଦ୍ରାର ଦୁଇପାର୍ଶ୍ୱ

ପରମପୁରୁଷ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଦୃଷ୍ଟିରେ ନାରୀ ଓ ପୁରୁଷ ଉଭୟଙ୍କର ଉଲ୍ଲେଖଯୋଗ୍ୟ ସମାନ୍ତରାଳ ବୈଶିଷ୍ଟ୍ୟ ରହିଛି। ନାରୀ ଜୀବନର ବୈଶିଷ୍ଟ୍ୟ ହେଲା-ସ୍ନେହ, ମମତା, ପ୍ରୀତି, ପ୍ରେମ, ସେବା, ସଂରକ୍ଷଣ, ପ୍ରେରଣା ଓ ସୁପ୍ରଜନନ। କୁମାରୀ, ବଧୂ ଏବଂ ମାଆ ଭୂମିକାରେ ନାରୀର ଅବଦାନ ମନୁଷ୍ୟ ଜୀବନକୁ ମଧୁମୟ କରିଉଠାଏ। ଗୋଟିଏ ହାତରେ ଗୃହକର୍ମ ଓ ଅନ୍ୟ ଏକ ହାତରେ ଗୃହ ଶାସନ। ଦୁଇପକ୍ଷ ବିଶିଷ୍ଟ ସମାଜ ଜୀବନରେ ନାରୀ ଗୋଟିଏ ପକ୍ଷ ଓ ପୁରୁଷ ଅନ୍ୟ ଏକ ପକ୍ଷ। ପୁରୁଷ ବୈଶିଷ୍ଟ୍ୟ ମଧ୍ୟରେ ରହିଛି-ପୂରଣ ପ୍ରବଣତା, ସାହସ, ବୀର୍ଯ୍ୟ, ପରାକ୍ରମ ଓ ଆଦର୍ଶପ୍ରାଣତା। ପୁରୁଷ ଛୁଟି ଚାଲେ ଆଦର୍ଶଙ୍କ ପଛରେ ଓ ନାରୀ ଛୁଟି ଚାଲେ ପୁରୁଷ ପଛରେ, ଆଦର୍ଶପ୍ରାଣତାକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ। ନିଶ୍ଚୟାତ୍ମକ ଭଙ୍ଗୀରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ-ନାରୀ ଧାରଣ କରେ, ବୃଦ୍ଧି ଘଟାଏ, ଏହି ଧାରଣ ଓ ପୁଷ୍ଟି କରିବା ହିଁ ନାରୀର ନାରୀତ୍ୱ। ନାରୀ କେବଳ ସନ୍ତାନକୁ ଗଢ଼ି ଉଠାଏ ନାହିଁ, ବରଂ ପୁରୁଷଗଣ ଓ ସମାଜକୁ ଶିକ୍ଷିତ କରାଇ ଉଚ୍ଚତର ସଭ୍ୟତାରେ ପହଞ୍ଚାଇବା ହିଁ ନାରୀର ଧର୍ମ। ଏଥିପାଇଁ ନାରୀ ପାଖରେ ଅଛି ସ୍ନେହ, ସଂଯମ, ଆତ୍ମତ୍ୟାଗ, ବିଶ୍ୱସ୍ତତା ଓ ପବିତ୍ରତା। ପ୍ରକୃତିରେ ଏପରି କୌଣସି ବୀଜ ନାହିଁ ଯାହା ଆଶ୍ରୟ ନପାଇ, ପୋଷଣ ଓ ପୁଷ୍ଟିର ଅଭାବ ସତ୍ତ୍ୱେ ପରିସ୍ଫୁଟ ହୋଇଉଠିଛି। ଏହି ଆଶ୍ରୟ, ପୁଷ୍ଟି ଓ ପୋଷଣ ଏକମାତ୍ର ନାରୀ ବା ମାତୃଜାତି ପାଖରେ ହିଁ ଦେଖାଯାଏ। ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ-ପୁରୁଷର ଅର୍ଥ ହେଉଛି ପୂରଣ ସ୍ୱଭାବସମ୍ପନ୍ନ, ପୁରୁଷ ଅନ୍ୟର ଅଭାବ ପୂରଣ କରେ, ସାର୍ଥକ କରେ, କୃତକାର୍ଯ୍ୟ କରି ଉଠାଏ, ପାରଗତାରେ ଉଦ୍‌ବୁଦ୍ଧ, ଉନ୍ନତ ଓ କୃତାର୍ଥ କରି ତୋଳିବା ହିଁ ପୁରୁଷର ପୁରୁଷତ୍ୱ। ପୁରୁଷ ଚାହେଁ ନାରୀ ଠାରେ ବିଶ୍ରାମ ନେବାକୁ, ନାରୀ ଚାହେଁ ପୁରୁଷକୁ ସୁସ୍ଥ, ସ୍ୱସ୍ଥ ଓ ବୃଦ୍ଧି କରିଉଠାଇବାରେ। ଯେଉଁଠାରେ ନାରୀ ତା'ର ଏହି ଆଦିମ ସ୍ୱଭାବକୁ ବ୍ୟାହତ କରିଛି ସେହିଠାରେ ହିଁ ସେ ବ୍ୟର୍ଥତାର ଆଲିଙ୍ଗନରେ ବିଧ୍ୱସ୍ତ, ବିବ୍ରତ ଓ ବିକୃତ ହୋଇଉଠିଛି। ପୁରୁଷ ଓ ନାରୀର ଅଧିକାର ସେମାନଙ୍କର ଏହିପରି ବୈଶିଷ୍ଟ୍ୟରୁ ହିଁ ଭଗବାନ ନିର୍ଦ୍ଧାରଣ କରିଛନ୍ତି। ନାରୀର ସ୍ୱାଧୀନତା ତାଙ୍କର ବୈଶିଷ୍ଟ୍ୟରେ, ଆଉ ଏହି ବୈଶିଷ୍ଟ୍ୟ ଯେଉଁଠାରେ ମୁଖର ଓ ପ୍ରେରଣା ପରିପୃଷ୍ଟ, ସେହିଠାରେ ହିଁ ରହିଛି ନାରୀର ମୁକ୍ତି ବା ସ୍ୱାଧୀନତା। ନରର ବୃତ୍ତିଗୁଡ଼ିକ ଯେଉଁ ନାରୀ ଠାରେ ପରିପୋଷିତ ଓ ପରିବର୍ଦ୍ଧିତ ହୁଏ ଅର୍ଥାତ୍ ଯେଉଁ ନାରୀ ଯେଉଁ ନରର ବୃତ୍ତି ଗୁଡ଼ିକ ନେଇ ସନ୍ତୁଷ୍ଟ, ପୁଷ୍ଟ ଓ ସମ୍ବର୍ଦ୍ଧନାରେ ଯତ୍ନବତୀ, ସେହି ନରନାରୀର ମିଳନ ହିଁ ଶୁଭ। ନାରୀର ଅର୍ନ୍ତନିହିତ ଝୁଙ୍କ୍, ମାତୃତ୍ୱରେ, ଯେଉଁମାନେ ମାତୃତ୍ୱକ

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ PARYABEKHYAK

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ଜୁନ୍ ୨୬

ବେଳ ହୁଁ ସାବଧାନ ହୁଅ

ବିଶ୍ୱ ତାପମାତ୍ରା ବୃଦ୍ଧି ପ୍ରଭାବରେ ଜଳବାୟୁ ପରିବର୍ତନ ଯୋଗୁଁ ଟାଟା ସେଂଟର ଫର ଡେଭେଲପମେଂଟ ପକ୍ଷରୁ ପ୍ରକାଶିତ ସର୍ବେକ୍ଷଣ ରିପୋର୍ଟରେ କ୍ଷୟକ୍ଷତି ନେଇ ଯେଉଁ ଆକଳନ କରାଯାଇଛି, ତାହା ଯେତିକି ଚିନ୍ତାଜନକ ସେତିକି ଉଦ୍‌ବେଗଜନକ ବୋଲି କୁହାଯାଇପାରେ। ରିପୋର୍ଟରେ କୁହାଯାଇଛି ଜଳବାୟୁ ପରିବର୍ତନ ତଥା ତାପମାତ୍ରା ବୃଦ୍ଧି ଯୋଗୁଁ ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ଦେଶରେ ହାରାହାରୀ ତାପମାତ୍ରା ୪ ଡିଗ୍ରୀ ବୃଦ୍ଧି ପାଇବା ଆଶଙ୍କା ସୃଷ୍ଟି ହୋଇଛି। ଏବେ ଦେଶରେ ହାରାହାରୀ ତାପମାତ୍ରା ୨୪ ଡିଗ୍ରୀ ସେଲସିୟସ୍ ରହିଛି। ଏହାର ପ୍ରଭାବରେ ଦେଶରେ ଗ୍ରୀଷ୍ମଦିନ ଅଧିକ ୮ଗୁଣା ଗରମ ଦିନ ହେବାର ସମ୍ଭାବନା ରହିଛି। ସେହିପରି ଓଡିଶାରେ ହାରାହାରି ତାପମାତ୍ରା ବୃଦ୍ଧି ପାଇଁ ୨୧୦୦ ମସିହା ବେଳକୁ ୩୨.୧୯ ଡିଗ୍ରୀ ସେଲସିୟସ୍ ହେବ। ଏହାର ପ୍ରଭାବ ଯୋଗୁଁ ରାଜ୍ୟରେ ପାଣିପାଗ ଜନିତ ମୃତ୍ୟୁ ସଂଖ୍ୟା ୪୨,୩୩୪ ହେବ ବୋଲି ରିପୋର୍ଟରେ ଆଶଙ୍କା ପ୍ରକାଶ ପାଇଛି। କହିବା ବାହୁଲ୍ୟ ଯେ, ଗ୍ରୀଷ୍ମ ଦିନେ ଓଡ଼ିଶାର ଉପକୂଳ, ଆଭ୍ୟନ୍ତରୀଣ ଓ ପଶ୍ଚିମାଚଂଳରେ ଅତ୍ୟଧିକ ତାତି ସାଙ୍ଗକୁ ଅସହ୍ୟ ଗ୍ରୀଷ୍ମ ପ୍ରବାହ କାହାରିକୁ ଅଛପା ନାହିଁ। ଆମେ ସ୍ମରଣ କରାଇ ଦେବାକୁ ଚାହୁଁ ଯେ, ୧୯୯୮ ମସିହାରେ ଅସ୍ୱାଭାବିକ ଗ୍ରୀଷ୍ମପ୍ରବାହ ତଥା ଅଂଶୁଘାତରେ ୨୦୪୨ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହାର ପରବର୍ତୀ କାଳରେ ବ୍ୟାପକ ଜନସଚେତନତା ଦ୍ୱାରା ଅଂଶୁଘାତ ଜନିତ ମୃତ୍ୟୁକୁ ନିୟନ୍ତ୍ରଣ କରାଯାଇପାରିଛି ସିନା ଏହାର ପାର୍ଶ୍ୱ ପ୍ରତିକ୍ରିୟା ତଥା ହୃଦଘାତ, ଡାଇରିଆ ଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଛି। ଭବିଷ୍ୟତରେ ହୃଦଘାତ ଜନିତ ମୃତ୍ୟୁ ସଂଖ୍ୟା ୫ଗୁଣା ବଢିବା ଆଶଙ୍କା ରହିଛି। କେବଳ ଏତିକି ନୁହେଁ, ସମୁଦ୍ର ଜଳପତନ ବୃଦ୍ଧି ଯୋଗୁଁ ଉପକୂଳବର୍ତୀ ଅଂଚଳଗୁଡିକ ବୁଡିଯିବ। ବିଶେଷ କରି ରାଜ୍ୟର ସୁଦୀର୍ଘ ଉପକୂଳବର୍ତୀ ଅଂଚଳର ପ୍ରତି ଗୁରୁ ଧମକ ସୃଷ୍ଟି ହୋଇଛି ବୋଲି କୁହାଯାଇପାରେ। କେବଳ ଓଡିଶାର ଉପକୂଳ ଅଂଚଳ ନୁହେଁ ପଶ୍ଚିମବଙ୍ଗଠାରୁ ଆରମ୍ଭ କରି କେରଳ ଏବଂ ପଶ୍ଚିମ ଉପକୂଳରେ କେରଳଠାରୁ ଆରମ୍ଭ କରି ଗୁଜରାଟ ପର୍ଯ୍ୟନ୍ତ ଖାଲୁଆ ଅଂଚଳଗୁଡିକ ସମୁଦ୍ର ଜଳପତନ ବୃଦ୍ଧି ଯୋଗୁଁ ବୁଡିଯିବ ବୋଲି ପାଣିପାଗ ବିଶାରଦମାନେ ବର୍ତମାନ ଠାରୁ ସତର୍କ କରାଇସାରିଲେଣି। କୁହାଯାଇଛି ଯେ, ବିଶ୍ୱ ତାପମାତ୍ରା ବୃଦ୍ଧି ଯଦି ଅବ୍ୟାହତ ରହେ, ତେବେ ସମୁଦ୍ର ଜଳପତନ ୧ ମିଟର ବୃଦ୍ଧି ପାଇବ। ଏହାର ପ୍ରଭାବରେ ଉପକୂଳବର୍ତୀ ଅଂଚଳର ୧୭୭ ମିଲିୟନ ଲୋକଙ୍କ ଜୀବନ ଜୀବିକା ପ୍ରଭାବିତ ହେବ। ସେହିପରି ବିଶ୍ୱତାପମାତ୍ରା ବୃଦ୍ଧି ଯୋଗୁଁ ହିମାଳୟ ପର୍ବତମାଳାର ବହୁ ଗିରିଶୃଙ୍ଗରେ ବରଫ ତରଳି ଗଙ୍ଗା ଅବବାହିକାରେ ଏକାକୀ ୫୮୦ ମିଲିୟନ ଲୋକଙ୍କ ଜୀବନ ଜୀବିକା କ୍ଷତିଗ୍ରସ୍ତ ହେବ। ଆହୁରି ମଧ୍ୟ ନିକଟରେ ପାଣିପାଗ ବିଶେଷଜ୍ଞମାନେ ମତ ଦେଇଛନ୍ତି ବିଶ୍ୱ ତାପମାତ୍ରା ବୃଦ୍ଧି ତଥା ଜଳବାୟୁପରିବର୍ତନ ଯୋଗୁଁ ସମୁଦ୍ର ଜଳପତନ ବଢି ଆଗାମୀ ୩୦ବର୍ଷ ମଧ୍ୟରେ ମୁମ୍ବାଇ ସହର ବୁଡିଯିବ। କେବଳ ଏତିକି ନୁହେଁ ତାପମାତ୍ରା ବୃଦ୍ଧି ଯୋଗୁଁ ସମୁଦ୍ରରେ ନାନା ପରିବର୍ତନ ଦେଖାଦେବ। ପ୍ରଥମତଃ ଜଳପତନ ବଢିବା ସହ ସମୁଦ୍ରରେ ବହୁ ପାଣିପାଗ ଘଟଣାମାନ ସଂଘଟିତ ହେବ। ସେଥିମଧ୍ୟରୁ ସାମୁଦ୍ରିକ ବାତ୍ୟା ହେଉଛି ଅନ୍ୟତମ। ଅର୍ଥାତ୍ ଅଧିକରୁ ଅଧିକ ସାମୁଦ୍ରିକ ଝଡ ସୃଷ୍ଟି ହେବ। ଉଲ୍ଲେଖଯୋଗ୍ୟ ଯେ, ବର୍ଷକୁ ୩ ରୁ ୪ଟି ସାମୁଦ୍ରିକ ଝଡ ସାଧାରଣତଃ ସୃଷ୍ଟି ହେବାର ନଜୀର ରହିଛି। ମାତ୍ର ଚଳିତ ବର୍ତମାନ ସୁଦ୍ଧା ୧୧ଟିରୁ ଅଧିକ ସାମୁଦ୍ରିକ ଝଡ ସୃଷ୍ଟି ହୋଇସାରିଲାଣି। ଚଳିତ ବର୍ଷ ମେ' ମାସରେ ଫନୀ' ଭଳି ସାମୁଦ୍ରିକ ଘୂର୍ଣ୍ଣିବାତ୍ୟା ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବାବେଳେ ଆରବ ସାଗରରେ କ୍ୟାର ଭଳି ସୁପର ସ୍ଟାଇକୋନ ମଧ୍ୟ ସୃଷ୍ଟି ହୋଇଥିଲା। ୨୦୧୮-୧୯ ବର୍ଷରେ ଭାରତରେ ବାତ୍ୟା, ବନ୍ୟା ଓ ଗ୍ରୀଷ୍ମ ପ୍ରବାହରେ ୨୪୦୦ରୁ ଉର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ଘଟିଥିବା ବେଳେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏହା ସତ୍ୟ ଯେ, ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସର ପରିମାଣ ବେଳକୁ ବେଳ ବୃଦ୍ଧି ପାଉଥିବାରୁ ବିଶ୍ୱ ତାପମାତ୍ରା ବୃଦ୍ଧି ପାଇବା ସହ ବାୟୁ ପ୍ରଦୁଷଣ ମଧ୍ୟ ବଢିବାରେ ଲାଗିଛି। ବିଶ୍ୱ ତାପମାତ୍ରା ବୃଦ୍ଧି ତଥା ଜଳବାୟୁ ପରିବର୍ତନ ନେଇ ସମଗ୍ର ବିଶ୍ୱ ଏବେ ଚିନ୍ତିତ। ମାତ୍ର ଏହାର ମୁକାବିଲା ପାଇଁ ବିଶ୍ୱ ସମୁଦାୟ ସେଭଳି କୌଣସି ଆଖି ଦୃଷ୍ଟିଆ ପଦକ୍ଷେପ ଗ୍ରହଣ କରିଥିବା ମନେହୁଏ ନାହିଁ। ବିଶ୍ୱ ନେତାମାନଙ୍କ ଚିନ୍ତା କେବଳ ଫଉଦବେଗ'ର ସିମାତୀତ ରହିଛି ବୋଲି କହିଲେ ଭୁଲ ହୋଇନପାରେ। ନିକଟରେ ଜାତିସଂଘର ମହାସଚିବ ଜଳବାୟୁ ପରିବର୍ତନ ନେଇ ଗଭୀର ଚିନ୍ତାପ୍ରକଟ କରିଛନ୍ତି। ଜଳବାୟୁ ପରିବର୍ତନ ନେଇ ଦୁଇ ଦୁଇ ଥର ବିଶ୍ୱ ଶିଖର ସମ୍ମିଳନୀ (ରିଓ, ପ୍ୟାରିସ) ହୋଇଥିଲେ ମଧ୍ୟ ଧନୀ ତଥା ବିକାଶଶୀଳ ରାଷ୍ଟ୍ରମାନଙ୍କ ଆଭିମୁଖ୍ୟ ଏ ବାବଦରେ ସ୍ପଷ୍ଟ ନୁହେଁ। ଯାହାକି ଏବେ ଚିନ୍ତାର କାରଣ ବୋଲି କୁହାଯାଇପାରେ। ବିଶ୍ୱବିଦ୍ୟାଳୟଠାରୁ ଆରମ୍ଭ କରି ଶିଳ୍ପପତି, ବୈଜ୍ଞାନିକ ଏବଂ ବିଶେଷ ଏବେ ଜଳବାୟୁ ପରିବର୍ତନର ମୁକାବିଲା ପାଇଁ ସମୟ ଆସିଛି। ବେଳ ହୁଁ ସାବଧାନ ନହେଲେ ପ୍ରଳୟ ନିଶ୍ଚିତ। ଏହାକୁ କେହି ରୋକିପାରିବେ ନାହିଁ।

ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

ପାଠକୀୟ ମତାମତ ଓ ପରାମର୍ଶ ପ୍ରପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

ନିଜେ ମଲେ ହିଁ ସ୍ୱର୍ଗ ଦେଖିବେ



ଇଂ.ବିଦ୍ୟାଧର ପଣ୍ଡା

ମୁଁ ସନ୍ତୋଷ କହୁଛି। ସନ୍ତୋଷ ଗାନ୍ଧୀ ନୁହେଁ ସନ୍ତୋଷ ପ୍ରଧାନ, ମଳିମୁଣ୍ଡିଆ ରାଜମିସ୍ତ୍ରୀ। ତେଣୁ ମୋ କହିବା କଥା କାହାର ବିଶ୍ୱାସ ହୋଇପାରେ କାହାର ହୋଇନପାରେ।ମୋର ସେଥିରେ କିଛି ଅସୁବିଧା ନାହିଁ। ମୁଁ ବି କାହାକୁ ବାଧ୍ୟ କରିବା ପରିସ୍ଥିତିରେ ଆଜି ଆଦୌ ନାହିଁ, କାରଣ କିଛିଦିନ ପୂର୍ବରୁ ମୋର ଦେହାନ୍ତ ହୋଇ ମୁଁ ସ୍ୱର୍ଗବାସୀ ହୋଇ ସାରିଲିଣି। କାଳି ପରି ଲାଗୁଛି, ପ୍ରାୟ ତେଇଶି ବର୍ଷ ତଳେ, ୧୯୯୮ରେ ପେଟ ପୋଷିବା ପାଇଁ ମୁଁ ଏଇ ରାଜଧାନୀ ଭୁବନେଶ୍ୱର ଆସି ଦୁଇବର୍ଷ କେବଳ ହେଲ୍ପର କାମରେ ରହି ତାପରେ ରାଜମିସ୍ତ୍ରୀ କାମପାଇଗଲି। ପାଂଚବର୍ଷ ପରେ ଘରୋଇ ଘର ଠିକାକାମ ମିଳିବାରୁ ଜମାଖାତାରେ କିଛି ଭଲ ପରିମାଣର ପୁଞ୍ଜି ଜମାହେବାକୁ ଲାଗିଲା। ଲୋକଙ୍କକଥାରେ ଚିଟ୍‌ଫଣ୍ଡରେ ଲକ୍ଷଟଙ୍କା ରଖିଥିଲି ପାଂଚବର୍ଷରେ ପାଂଚଗୁଣା ପାଂଚଲକ୍ଷ ପାଇବାକୁ ଯେ ସେଧନ ସମୂଳେ ପୁରା ବୁଡିଗଲା। ଫେରସ୍ତ ମିଳିବ ବୋଲି ଅନେଇ ଅନେଇ ଆଖି ଦୁଇଟା କୋରଡରେ ପଶିଗଲା। କିଛିବର୍ଷ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଅପାରକରୁଣାରୁ ବିଜେବିନଗର ବସ୍ତିଅଂଚଳରେ ଘରଟିଏ ମିଳିଲା। ସେହିଘରେ ପରିବାରସହ ରହି ଭଲକାମ ପାଉଥିଲି। ପରିବାର କହିଲେ ଆମେ ସମୁଦାୟ ଚାରିଜଣ। ମୋ ପୁଅ +୨ ବିଜ୍ଞାନ ଛାତ୍ର, ଝିଅ ନବମଶ୍ରେଣୀର ଛାତ୍ରୀ ଏବଂ ମୋ ସ୍ତ୍ରୀ ଓ ମୁଁ। ଏବେ ରାଜମିସ୍ତ୍ରୀ କାମ କରୁକରୁ ଘରୋଇଘର କେତେଟା ଠିକା ମିଳିଲାପରେ ବର୍ଗଫୁଟ ଦରରେ ସେହି କୋଠାଗୁଡିକ ଗଢୁଥିଲି। ସବୁକିଛି ଠିକ୍‌ଠାକ୍ ଚାଲିଥିଲା। ଆମେମାନେ ସମସ୍ତେବହୁତ ଭଲରେ ସପରିବାର କାଳାତିପାତ କରୁଥିଲୁ। ପଇସା ସଂଚିସଂଚି ଚାରିବର୍ଷ ତଳେ ସୁନ୍ଦରପଦା ହାଇଟେକ୍‌ପ୍ଲାଜା ପଛକୁ ଜାଗାଟିଏ ବି କିଣିଥିଲି। ଇଚ୍ଛାଥିଲା ଘରଟିଏ କରି ଭଡାକୁ ଦେଇଦେଲେ ମାସକୁ ଚାରିପାଂଚ ହଜାର ଟଙ୍କାର ସ୍ଥାୟି ରୋଜଗାରଟିଏ ମିଳିଯାନ୍ତା। ସବୁଦିନେ କ'ଣ ସବୁକଥା ସମାନ ରହିବ! କେତେବେଳେ ଦେହପା ଖରାପ ଯୋଗୁଁ କାମ ନକରିପାଇଲେ ଯାହିତାହି ପଖାଳକଂସା ସାଙ୍ଗକୁ ଆଳୁସିଝାରେ ଲଙ୍କାଲୁଣ ଦଳିବାକୁ ଘରଭଡାପଇସା କୁଳେଇଯିବ। ବୁଢାଦିନକୁ ଭେଣ୍ଡାପୁଅ ପରି ବଳ ଦେବ। ଘରୋଇ କାମରେ କ'ଣ ପେନ୍‌ସନ୍ ଅଛି ଯେ ଚଳିଯିବୁ! କିନ୍ତୁ ଭଗବାନଙ୍କର ଇଚ୍ଛା ଥିଲା ଅଲଗା। କରୋନା ନିୟନ୍ତ୍ରଣ ପାଇଁ ବସ୍ତିରେ ସଭାଟିଏ କରିବା ଦିନ ମୁଁ ପ୍ରାୟ କୋଡିଏ କି ତିରିଶ ଜଣଙ୍କ ସହ ପାଖାପାଖି ଛିଡା ହୋଇଛି। ଅନେକଙ୍କୁ କାଶଥଣ୍ଡା ଛିଙ୍କ ହେଉଥିଲା। ତା'ପରେ ମୋର ଛଅଟି ସାଇଟ୍ ଚାଲିଥିଲା। ସବୁସାଇଟ୍‌ରେ ହାରାହାରି ପାଂଚରୁ ଛଅଜଣ ଲେଖାଏଁ ମଣିଷ ନିତିଦିନ କାମ କରନ୍ତି। ଏମିତି ପ୍ରତିଦିନ ମୋ ସଂସ୍ପର୍ଶରେ ପ୍ରାୟ ତିରିଶରୁ ଅଧିକ ସଂଖ୍ୟାରେ ମୂଲିଆ ଫି ଦିନ ଆସିଥାନ୍ତି। କାହାଠାରୁ କରୋନା ଡେଇଁଲା ମୁଁ ଜାଣିନି। ହେଲେ ପ୍ରଥମେ ମୋତେ ଜର ହେଲା। ଦୁଇଦିନରେ ସାରା ପରିବାର ଦେହତାତି ଖଉ ଫୁଟିଲା। ସମସ୍ତେ ଥଣ୍ଡାକାଶରେ ଆକ୍ରାନ୍ତହୋଇ ପ୍ରଥମେ ମାମୁଲି ଔଷଧ କିଣି ଖାଇଲୁ। ଆମ ତିନିଜଣଙ୍କର କମିଗଲା କିନ୍ତୁ ମୋ ସ୍ତ୍ରୀର ଜର ଭଲହେଲାନି। ସମସ୍ତଙ୍କର କରୋନା ପରୀକ୍ଷା କରେଇଲୁ। ମୋତେ ଛାଡିକି ସମସ୍ତଙ୍କର କରୋନା ପଜିଟିଭ୍ ଆସିଲା। ମୋଦେହରେ କିନ୍ତୁ କରୋନା ଲକ୍ଷଣ ସବୁଥିଲା, ହେଲେ ପରୀକ୍ଷାରେ ନେଗେଟିଭ୍ ଆସିବାରୁ ମୁଁ ଟିକେ ବେଫିକର ହୋଇଗଲି। ମୋପରି ଯେଉଁମାନେ ଏମିତି ଏବେ ଭାବୁଛନ୍ତି ଯେ ତାଙ୍କୁ କରୋନା ହୋଇଛି କିନ୍ତୁ ପରୀକ୍ଷାରେ ବାହାରିଲାନି, ସେମାନଙ୍କ ପାଇଁ ମୋର ଛୋଟିଆ ଉପଦେଶ ହେଲା ଅତିକମ୍‌ରେ ତିନି ଚାରୋଟି ଭିନ୍ନଭିନ୍ନ ଜାଗାରେ ପରୀକ୍ଷା କରାଇ ନିଅନ୍ତୁ। ନହେଲେ ମୋପରି ପଷ୍ଟେଇ ସ୍ୱର୍ଗବାସୀ ହୋଇଯିବେ। ସଂସାର ଭାସିଯିବ, ପିଲାଛୁଆ ବାର ଦୁଆର ସୁଣ୍ଢିପିଣ୍ଡା ହେବେ।

ଆମେ ସମସ୍ତେ ଘରେ ରହି କରୋନା ଔଷଧ ଖାଇବା ଆରମ୍ଭ କରିଦେଲୁ, ହେଲେ ମୋ ସ୍ତ୍ରୀର ଅବସ୍ଥା ଦିନୁଦିନ ଖରାପ ହେବାରୁ ସମ୍ ହସ୍ପିଟାଲ୍‌ରେ ନେଇ ଦାଖଲା କରେଇଲି। ବାହାରେ ରହି ଜଗିବାକଥା, ଭିତରକୁ ଯାଇ ରୋଗୀ ଦେଖିବାକୁ କାହାକୁ ଅନୁମତି ନାହିଁ। ଯାହାହେଉ ମୋ ସ୍ତ୍ରୀକୁ ଦେଖାରେଖା କରିବା ଭିତରେ ଯଦିଓ ମୋ ନିଜଦେହ ଭଲ ଲାଗୁନଥାଏ, ତଥାପି ମୁଁ ସେପଟେ ଧ୍ୟାନ ଦେଲିନି। ଘରେ ପୁଅଝିଅଙ୍କୁ ବାହାରୁ ଆଣି ଖାଇବା ଦେବାପରେ ସ୍ତ୍ରୀ କଥା ବୁଝିବା ଭିତରେ ମୋ ନିଜପାଇଁ ସମୟ ଅଂଟିଲାନି। ସ୍ତ୍ରୀର ଧର୍ମବଳ ଟାଣସାଙ୍ଗକୁ ବୋଧହୁଏ ଆୟୁଷ ଅଧିକ ଥିଲା, ତେଣୁ ଅଠରଦିନରେ ସେ ଭଲହୋଇ ଘରକୁ ଆସିଲା। ତା'ପାଇଁ ଦେଢଲକ୍ଷ ଖର୍ଚ୍ଚ ହେଲା ଏବଂ ଚାଲିଶବର୍ଷରେ ଅଶି ବୟସ୍କ ବୁଢୀପରି ଡାକ୍ତରଖାନାରୁ ବାହାରି ଘରକାମଦାମ ଆଉ କିଛି କରି ପାରିଲାନି। ସପ୍ତାହପରେ ଦିନେ ମୋର ନିଶ୍ୱାସ ନେବାରେ ଛାତିରେ ଭୀଷଣ କଷ୍ଟହେବାରୁ ପୁଣିଥରେ କରୋନା ପରୀକ୍ଷା କରେଇଲୁ। ଏଥର ମୋର ପଜିଟିଭ୍ ଆସିବାରୁ ମୁଁ ବି ସେଇ ସମ୍ ହସ୍ପିଟାଲ୍‌ରେ ଦାଖଲା ନେଲି। ଭାବିଲି ସ୍ତ୍ରୀ ଯେତେବେଳେ ଏଇଠି ଭଲହୋଇ ଘରକୁ ଫେରିଲା, ମୁଁ ବି ଦିନେ ସେମିତି ଫେରିବି। କିନ୍ତୁ ସେ ହସ୍ପିଟାଲ୍‌ରେ ରହି ମୁଁ ଯେତେବେଳେ ସବୁକଥା ଅଙ୍ଗେ ନିଭେଇଲି ପ୍ରକୃତ କରୋନା କଷ୍ଟ କଣ ଜାଣିଲି, ମୋ ସ୍ତ୍ରୀକୁ ମନଭିତରେ ଧନ୍ୟବାଦ ଦେଲି। ଏତେ କଷ୍ଟ ପାଇବି ଦିନେ ସିଏ ମୋତେ ଡାକ୍ତରଖାନା କି ନର୍ସମାନଙ୍କ ବିରୁଦ୍ଧରେ କିଛି କହିନଥିଲା। ୨୦୦ଶଯ୍ୟାକୁ ଚାରୋଟି ନର୍ସ। ଗୋଟିଏ ମାତ୍ର ଡାକ୍ତର। ଏ କୋଣରୁ ନର୍ସଟିଏ ସେ କୋଣକୁ ଯିବାବେଳକୁ ରୋଗୀଟି ଛଟପଟ ହୋଇ ମରିଯିବା ପରି ଅବସ୍ଥା। ନିଜଲୋକ କେହି ବୋଲେ କେହି ନାହିଁ। ଶୋଷ ଲାଗୁଥିଲେ ଶୁଖିଲା ଡଂଟିରେ ଦିନେ ମୋତେ ଏତେ କଷ୍ଟହେଲା ଯେ ପରଦିନ ଆମେ ସେ ହସ୍ପିଟାଲ୍‌ରୁ ଅଣ୍ଡରଟେକିଂ ଦେଇ ଚାଲିଆସି ଆମଘର ପାଖ ଅନ୍ୟଏକ ଘରୋଇ ଡାକ୍ତରଖାନାକୁ ଭରୋସା କରି ଦାଖଲା ନେଲୁ। ପରେ ଦେଖିଲୁ ଏମାନେ ସମସ୍ତେ ଗୋଟିଏ ଭାଡିର ପାରା। ସେଇ ଏକା ବ୍ୟବସ୍ଥା। ଲାଗିଲା ମହରଗରୁ ଆସି କାନ୍ତାରରେ ପଡିବା ଭଳି କଥା।

ତିନି ଚାରିଦିନ ଯାହିତାହି କଟିଲା ପରେ ନର୍ସ କହିଲେ ଅକ୍ସିଜେନ୍ ମୁଖା ପିନ୍ଧି ରହିବାକୁ। ଧିରେଧିରେ ମୋର ସ୍ୱାସ୍ଥ୍ୟ ବିଗିଡିବାକୁ ଲାଗିଲା। ଦାଖଲା ନେବାର ଦଶଦିନପରେ ମୋତେ ଲାଗିଲା ଏଠି ମୋର ମୃତ୍ୟୁ ସୁନିଶ୍ଚିତ। ସେପର୍ଯ୍ୟନ୍ତ ପରିବାର ଲୋକେ ମୋ ସହ ଭିଡିଓ କଲିଂ କରି କଥା ହେଉଥିଲେ। ସମସ୍ତେ ମୋର ଭଲ ହେବାକୁ ଚାତକ ପରି ସକାଳୁ ସଯାଏଁ ସେହି ଡାକ୍ତରଖାନା ବାହାରେ ବସିବସି ବଂଚିଛି ବୋଲି ଶୁଣି ବିଳମ୍ବିତ ରାତ୍ରୀରେ ଫେରିଯାନ୍ତି। କରୋନା ଔଷଧ ଚାଲୁଥାଏ, ସପ୍ତମ ଦିନ ମୋତେ ଭେଂଟିଲେଟରକୁ ନେଇଗଲେ। ସେଠିକୁ ଗଲାପରେ ଭାବିନେଲି ମୋର ମୃତ୍ୟୁ ପାଇଁ ଆଉ ବେଶୀ ଦିନ ନାହିଁ। ମୋତେ ଭଲ ପାଉଥିବା ଜଣେ ବାବୁଙ୍କସାଙ୍ଗରେ ଭିଡିଓ କଲିଂ କରି କଥା ହେବାକୁ ମୋ ସ୍ତ୍ରୀକୁ ଜଣେଇଲି। ସେ ବାବୁଙ୍କୁ ମୋର ସପରିବାରେ ଜାଣନ୍ତି, ତେଣୁ ବାବୁ ମୋ ସହ କଥାହେବାକୁ ହଁ ଭରି ରାତି ବାରଟା ଯାଏଁ ଚେଇଁ ରହିଲେ। ସେ ପର୍ଯ୍ୟନ୍ତ ବାବୁ ମୋତେ କରୋନା ହେବା କଥା ଜାଣିନଥାନ୍ତି, ତେଣୁ ମୋ ଶୋଚନୀୟ ଅବସ୍ଥା ଦେଖି ଦୁଃଖ କରିବା ସହ ମନୋବଳ ବଢାଇବା ପରି କିଛି କଥା କହିଲେ। ମୋର ଯାହା ଯେଉଁଠି ପଇସା ବାକି ଥାଏ ମୋ ସ୍ତ୍ରୀ ତା ଭାଇକୁ ଧରି ବୁଲିବୁଲି ମାଗିବାରୁ କିଏ କହିଲା ଆମର ପୁରା କ୍ଲିୟର୍ ତ ଆଉ କିଏ କହିଲା ସିଏ ଆସିଲେ ଦେବୁ। ସେହି ବାବୁଙ୍କର ଘର ମୁଁ ମାସେ ପୂର୍ବରୁ ଫାଇନାଲ୍ କରିଥାଏ, ସିଏ ମୋ ସ୍ତ୍ରୀ ଶୈଳବାଳା ପ୍ରଧାନ ନାଁରେ ତିନିଥରରେ ଲକ୍ଷ ପଚିଶହଜାର ଟଙ୍କା ଜମା କରିବାରୁ ଡାକ୍ତରଖାନା ଖର୍ଚ୍ଚ ଚାଲିଲା। ମୁଁ ଏସବୁ ଶୁଣିବା ପରେ ତାଙ୍କୁ ମୋର ଶେଷ କଥା କହିଲି, 'ମୋତେ ଏଠାରୁ ବାହାରକୁ ନେଇ ବଂଚେଇଦିଅନ୍ତୁ, ଏମାନେ ମୋତେ ଅଳ୍ପ ଦିନରେ ମାରିଦେବେ।' ମୁଁ ଜାଣେ ବାବୁ ବହୁତଲୋକଙ୍କ ସହ ଯୋଗାଯୋଗ କରି ମୋତେ ସ୍ଥାନାନ୍ତରିତ କରିବାରେ ବିପଦ ଅଛି ବୋଲି ଜାଣିବାକୁ ପାଇଲେ। ସେହି ଡାକ୍ତରଖାନାରୁ ଜଣେ କହିଲା ମୋତେ ୮ରେ ଅକ୍ସିଜେନ୍ ଲଗେଇ ୭୪ରହୁଛି, ତେଣୁ ସିଲିଣ୍ଡର ସଂଯୋଗ ନକରି ଆମ୍ବୁଲାନ୍ସ ଯାଏଁ ନେଲା ଭିତରେ ମୁଁ ଆଉ ନଥିବି। ତେଣୁ ସେହିଠାରେ ରହି କେମିତି ଭଲ ଚିକିତ୍ସା କରିହେବ ସେ ବିଷୟ ନେଇ ବାନାମ୍ବର, ସୁଦର୍ଶନ, ଅନ୍ନଦାବାବୁ, ଦିଲ୍ଲୀପ ଓ ବିଶ୍ୱଜିତ ପରି କିଛି ଲୋକଙ୍କ ସାହାଯ୍ୟ ନେଲେ। ସେମାନେ ବି ବେଳେବେଳେ ବିରକ୍ତ ହୋଇ ବାବୁଙ୍କୁ ମିଛ ସତ କି ଭଣ୍ଡେଇଲେ। ଦିନେ ମୋ ସ୍ତ୍ରୀକୁ ଡାକ୍ତରଖାନାର ଲୋକେ ପୁଣିଥରେ ସେହି ଏକା ପ୍ରଶ୍ନ କଲେ। ତୁମ ପାଖରେ କେତେ ମାଲ୍ ଅଛି ସଫାସଫା କୁହ? ସେତେବେଳକୁ ମୋର ଜମାପୁଞ୍ଜି ଏବଂ ସେହି ସୁନ୍ଦରପଦା ହାଇଟେକ୍ ପ୍ଲାଜା ପଛଜାଗା ବିକିବାକୁ ଆସିଥିବା ଅଗ୍ରିମ ଟଙ୍କା ବି ଖର୍ଚ୍ଚ ସରିଲାଣି। ସ୍ତ୍ରୀର ବାଚଳାମି ବଢିବାରେ ଲାଗିଲା। ସିଏ ମୁଁ ବଂଚିଛି କି ମଲିଣି କିଛି ଜାଣି ପାରୁନଥିଲେ। ଏଥିପାଇଁ ପରିବାର ଦାବି କରିବାରୁ ଗୋଟିଏ ଆଣ୍ଡ୍ରୟେଡ୍ ମୋବାଇଲ୍ ଫୋନ୍ ମୋ ପାଖରେ ରଖି ମୋତେ ଶୋଇଥିବାର ଦୃଶ୍ୟ ସେମାନଙ୍କୁ ଦେଖାଇବାର ବନ୍ଦୋବସ୍ତ କରାଗଲା। ମୋତେ ଆଇସିୟୁରେ ଯେଉଁ ପୋଷାକରେ ରଖିଥିଲେ ସେମିତି ପୋଷାକ ସମସ୍ତେ ପିନ୍ଧିଥାନ୍ତି। କାହାକୁ ବି ଦେଖେଇ ସେମାନେ ଯଦି କହିବେ ହାତ ଉଠାଅ , ତାକୁ ଦେଖି ଯେ କୌଣସି ପରିବାର ବାହାରେ ନିଜମନକୁ ବୁଝାଇ ନିଜନିଜ ଘରକୁ ଫେରୁଥିଲେ

ଜଗନ୍ନାଥପ୍ରସାଦ ବାଲି ନିଲାମ ବାତିଲ ଦାବି; ପହିଲାରୁ ହେବ ଆନ୍ଦୋଳନ

ଭଦ୍ରକ: ଏହି ଜିଲାର ଭଣ୍ଡାରିପୋଖରୀ ତହସିଲ ପକ୍ଷରୁ ସଦ୍ୟ ନିଲାମ ଦିଆଯାଇଥିବା ବାଲିପୋଖରୀ ପଞ୍ଚାୟତ ଅନ୍ତର୍ଗତ ବାଲିପୋଖରୀ ଏସକେପ ସମ୍ମୁଖ ଜଗନ୍ନାଥପ୍ରସାଦ ବୈତରଣୀ ସୈରାତ ସମ୍ପ୍ରତି ବିବାଦ ମଧ୍ୟକୁ ଯାଇଛି । ଏହି ନିଲାମ ବାତିଲ ଦାବି କରି ଆନ୍ଦୋଳନ ଚଳାଇବାକୁ ନିଷ୍ପତ୍ତି ନିଆଯାଇଛି । ଏଥିପାଇଁ ଏକ କ୍ରିୟାନୁଷ୍ଠାନ କମିଟି ଗଢାଯାଇଛି । କମିଟି ଆବାହକ ସୁଧିର ଚନ୍ଦ୍ର ଜେନା ଏଥିନେଇ ତହସିଲଦାର, ଜିଲ୍ଲାପାଳ, ଜିଲ୍ଲା ପୁଲିସ ଅଧିକ୍ଷକଙ୍କୁ ପତ୍ର ଲେଖି ଦାବି ଉପସ୍ଥାପନ କରିବା ସହ ସୈରାତ ନିଲାମ ବାତିଲ ପାଇଁ ନିବେଦନ କରିଛନ୍ତି । ନିଲାମ ଦିଆଯାଇଥିବା ସଂପୃକ୍ତ ସୈରାତ ବାଲିପୋଖରୀ ଏସକେପ ଉପର ମୁଣ୍ଡରେ ବାଲି ଚଢା ଭାବେ ରହିଛି । ଏହା ଦ୍ୱାରା ଅଧିକ ପରିମାଣରେ ବନ୍ୟାଜଳ ବାଲିପୋଖରୀ ଏସକେପ ଦେଇ ପ୍ରବେଶକୁ ପ୍ରାକୃତିକ ଭାବେ ଅବରୋଧ କରୁଛି ଓ ବାଲିପୋଖରୀ ଏସକେପକୁ ବନ୍ୟାଜଳରୁ ସୁରକ୍ଷା ପ୍ରଦାନ କରୁଛି । ପୁନଶ୍ଚ ଏଠାରେ ବୈତରଣୀ ନଦୀବନ୍ଧ ଭାରିଯାନ ଚଳାଚଳ ଉପଯୋଗୀ ନୁହେଁ । ବାଲି ବୋଝେଇ ଭାରି ଯାନ ଚଳାଚଳ ନଦୀ ବନ୍ଧ ପ୍ରତି ବିପଦ ସୃଷ୍ଟି କରିବ । ଏହା ଧନଜୀବନ ହାନୀର କାରଣ ହେବ । ଏ ସମ୍ପର୍କରେ ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ତହସିଲଦାରଙ୍କୁ ନିଲାମ ପୂର୍ବରୁ ପତ୍ର ମାଧ୍ୟମରେ ଅବଗତ କରିଥିଲେ । ବାଲିପୋଖରୀ ଏସକେପର ଅପରପାର୍ଶ୍ୱ ନଦୀ ପଠାକୁ ରିଂ ବନ୍ଧ ଦ୍ୱାରା ସୁରକ୍ଷିତ କରାଯାଉଛି । ଏହା ଦ୍ୱାରା ବାଲିପୋଖରୀ ଏସକେପ ମଧ୍ୟ ଦେଇ ଅଧିକ ମାତ୍ରା ଓ ବେଗରେ ବନ୍ୟାଜଳ ପ୍ରବେଶ କରିବା ଆଶଙ୍କା ସୃଷ୍ଟି ହୋଇଛି । ଏହି କାରଣ ପାଇଁ ୨୦୦୦ ମସିହାରେ ଓଡିଶା ହାଇକୋର୍ଟ ଜଗନ୍ନାଥପ୍ରସାଦ ସୈରାତ ନିଲାମକୁ ବାତିଲ କରିଦେଇ ନଦୀବନ୍ଧ ଉପରେ ଭାରିଯାନ ଚଳାଚଳ କରାଯାଇ ପାରିବ ନାହିଁ ବୋଲି ଆଦେଶ ଦେଇଥିଲେ । ଏହା ଏବେ ବି ବଳବତ୍ତର ରହିଛି । ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି ଏଗାରଟି ପଞ୍ଚାୟତର ଜନସାଧାରଣ ସମସ୍ତ ପ୍ରମୁଖ ରାଜନୈତିକ ଦଳ ସମର୍ଥନରେ ଆଗାମୀ ଜୁଲାଇ ପହିଲା ଠାରୁ ତହସିଲ ସମ୍ମୁଖରେ ସଂପୃକ୍ତ ସୈରାତ ନିଲାମ ବାତିଲ ଦାବିରେ ଆନ୍ଦୋଳନ ଚଳାଇବେ ବୋଲି ପତ୍ରରେ ଦର୍ଶାଯାଇଛି । ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ତହସିଲଦାର କ୍ଷୀରୋଦ କୁମାର ପଣ୍ଡା ପ୍ରତିକ୍ରିୟା ରଖିଛନ୍ତି ।

ଆଶାକର୍ମୀଙ୍କୁ ଉପରିସ୍ଥ ସ୍ୱାସ୍ଥ୍ୟାଧିକାରୀଙ୍କ ଜୁଲୁମ୍‌କୁ ପ୍ରତିବାଦ

ଭଦ୍ରକ: ସରକାର ଆଶାକର୍ମୀମାନଙ୍କୁ ଉପକରଣ ଖର୍ଦ୍ଦି କରିବା ପାଇଁ ୧୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ସେମାନଙ୍କ ବ୍ୟାଙ୍କ ଖାତାକୁ ଦେଇଥିବା ବେଳେ ଉକ୍ତ ଟଙ୍କାର ଭାଗ ନେବାକୁ ଉପରିସ୍ଥ ସ୍ୱାସ୍ଥ୍ୟ ଅଧିକାରୀମାନେ ଜୁଲୁମ୍ କରୁଛନ୍ତି । ଏହାକୁ ରାଜ୍ୟ ଆଶାକର୍ମୀ ସଂଘ ଭଦ୍ରକ ଜିଲ୍ଲା ଶାଖା ପକ୍ଷରୁ ବିରୋଧ କରାଯିବା ସହିତ ପ୍ରତିବାଦରେ ଏକ ଦାବିପତ୍ର ଜିଲ୍ଲା ପ୍ରଶାସନଙ୍କୁ ପ୍ରଦାନ କରାଯାଇଛି । କୋଭିଡ୍ ମହାମାରୀ ସମୟରେ ଆଶାକର୍ମୀମାନେ କରୋନା ଯୋଦ୍ଧା ଭାବେ ଜୀବନକୁ ବାଜି ଲଗାଇ କାର୍ଯ୍ୟନିର୍ବାହ କରୁଛନ୍ତି । ସେମାନଙ୍କ ସୁରକ୍ଷା ନିମିତ୍ତ ଉପକରଣ ଯଥା ଛତା, ଜୋତା, ପାଣିବୋତଲ, କ୍ୟାରିବ୍ୟାଗ, ସାଇକେଲ, ଗ୍ଲୋଭ୍‌ସ, ସାନିଟାଇଜର ଆଦି କ୍ରୟ କରିବା ନିମନ୍ତେ ରାଜ୍ୟ ସରକାର ପ୍ରତି ଆଶାକର୍ମୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ । ତେବେ ଜିଲ୍ଲା ଓ ବ୍ଲକ ସ୍ତରରେ ଥିବା ସ୍ୱାସ୍ଥ୍ୟ ଅଧିକାରୀମାନେ ଉକ୍ତ ଟଙ୍କା ଉଠାଣ କରି ସେମାନଙ୍କୁ ଦେବାକୁ ଆଶାକର୍ମୀଙ୍କୁ ବାଧ୍ୟ କରାଯାଉଛି । ଟଙ୍କା ନଦେଲେ ନାନା ପ୍ରକାର ହଇରାଣ କରାଯାଉଛି । ଏପରିକି ଧମକ ମଧ୍ୟ ଦିଆଯାଉଛି । ଫଳରେ ଆଶାକର୍ମୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓଡିଶା ରାଜ୍ୟ ଆଶାକର୍ମୀ ସଂଘ ଭଦ୍ରକ ଶାଖାର ଜିଲ୍ଲା ସମ୍ପାଦିକ ଲକ୍ଷ୍ମୀପ୍ରିୟା ରାଉତଙ୍କ ପୌରୋହିତ୍ୟରେ ଆଜି ଏକ ବୈଠକ ମାଳତୀ ଭବନ ସ୍ଥିତ ବିଏମ୍‌ଏସ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଏମ୍‌ଏସ୍‌ର ଜିଲ୍ଲା ସଭାପତି ମନୋଜ ବସନ୍ତରାୟ, ସମ୍ପାଦକ ମୁକ୍ତିକାନ୍ତ ସାହୁ, ସହସମ୍ପାଦକ ବସନ୍ତ ରାଉତ, ଆଶାକର୍ମୀ ଜିଲ୍ଲା ସଂଘର ଉପସଭାନେତ୍ରୀ କନକ ବିଶ୍ୱାଳ, ସ୍ୱର୍ଣ୍ଣପ୍ରଭା ମଲ୍ଲିକ, ନିରୂପମା ପତ୍ରୀ, ମୃଗତୃଷ୍ଣା ପଟ୍ଟନାୟକ, ଶର୍ମିଳା ପରିଡା ପ୍ରମୁଖ ଯୋଗ ଦେଇ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନଙ୍କ ଏତାଦୃଶ କାର୍ଯ୍ୟକୁ ଘୋର ବିରୋଧ କରିଥିଲେ । ସ୍ୱାସ୍ଥ୍ୟ ଅଧିକାରୀମାନେ ,ଭଳି ମନୋଭାବରୁ ନିବୃତ୍ତ ନ ହେଲେ ସଂଘ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ପଛାଇବ ନାହିଁ ବୋଲି ମତ ପ୍ରକାଶ କରିଥିଲେ । ପରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ମଧୁସୂଦନ ଦାସଙ୍କୁ ପ୍ରଦାନ କରାଯାଇଥିଲା ।

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ନୂତନ ପରିଚାଳନା କମିଟି ଗଠନ

କଣାସ: ପୁରୀ କଣାସ ବ୍ଲକ ଅର୍ନ୍ତଗତ ତ୍ରିଲୋଚନପୁର ଗ୍ରାମପଚାଂୟତରେ ପ୍ରତିଷ୍ଠିତ ତ୍ରିଲୋଚନପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ନୂତନ ପରିଚାଳନା କମିଟି ଇତିମଧ୍ୟରେ ଗଠିତ ହୋଇଯାଇଛି । ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପୂର୍ବସଂଭାଗ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ପିପିଲି ସଂକୁଳ ପ୍ରମୁଖ ରବିନାରାୟଣ ଷଡ଼ଙ୍ଗୀ ଓ ପିପିଲି ସଂକୁଳ ସଂଯୋଜକ ନେତ୍ରାନନ୍ଦ ଜେନା ପ୍ରମୁଖ ପରିଚାଳନା କମିଟି ବୈଠକରେ ଯୋଗଦେଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତ୍ରିଲୋଚନପୁରର ବିଗତ ବର୍ଷଗୁଡିକରେ ସଫଳତା ପାଇଁ ପରିଚାଳନା କମିଟିର ସଭାପତି ପ୍ରଭାତ କୁମାର ଦାଶ, ସଂପାଦକ ଭାଗୀରଥି ମହାପାତ୍ର, ବିଦ୍ୟାଳୟର ପ୍ରତିଷ୍ଠାତା ପରିଚାଳନାରେ ସକ୍ରୀୟ ଭୂମିକା ଗ୍ରହଣ କରିଥିବା ଜୟେଶ୍ୱର ମୁଦୁଲି, ବଟକୃଷ୍ଣ ଜେନା, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମଧୁସୂଦନ ପାଣି, ବିଦ୍ୟାଳୟ ଗୁରୁଜିଗୁରୁମା ଓ ସଭ୍ୟସଭ୍ୟାମାନଙ୍କୁ ଧନ୍ୟବାଦ ଦେଇଥିଲେ । ପୂର୍ବ ପରିଚାଳନା କମିଟିର ଭଙ୍ଗପରେ ପୂର୍ବତନ ସଭାପତି ତଥା ସମାଜସେବୀ ପ୍ରଭାତ କିଶୋର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପରିଚାଳନା କମିଟି ମନୋନୟନ ସଭାରେ ପୂର୍ବଭାଗ ସଂପାଦକ ଶ୍ରୀ ପଣ୍ଡା, ନୂତନ ସର୍ବସମତ ପରିଚାଳନା କମିଟିର କର୍ମକର୍ତାଙ୍କ ନାମ ଘୋଷଣା କରିଥିଲେ । ତଦନୁଯାୟୀ, ପ୍ରଫୁଲ୍ଲ ଚନ୍ଦ୍ର ସାହୁ ସଭାପତି, ପ୍ରଭାକର ଜେନା ଉପସଭା ପତି, ଶ୍ରୀମତୀ ସୌଦାମିନୀ ତ୍ରିପାଠୀ ସଂପାଦକ, ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ସହସଂପାଦକ, ରବିନାରାୟଣ ଆଚାର୍ଯ୍ୟ କୋଷାଧ୍ୟକ୍ଷ, ସର୍ବେଶ୍ୱର ଦାଶ, ଗୋବର୍ଦ୍ଧନ ସେଠୀ ସଦସ୍ୟ ରୂପେ ମନୋନିତ ହୋଇଥିଲେ । ବିଦ୍ୟାଳୟର ଗୁରୁଜୀ ହରିହର ଜେନା ଆଚାର୍ଯ୍ୟ ପ୍ରତିନିଧି ଏବଂ ପ୍ରଧାନ ଆଚାର୍ଯ୍ୟ ମଧୁସୂଦନ ପାଣି ଆବହକ ସଦସ୍ୟ ରୂପେ ଘୋଷିତ ହୋଇଥିଲେ । ନୂତନ ପରିଚାଳନା କମିଟି ପୂର୍ବ ପରିଚାଳନା କମିଟି ତଥା ବିଦ୍ୟାଳୟର ପ୍ରତିଷ୍ଠା ସଭ୍ୟମାନଙ୍କର ସହଯୋଗରେ ଏହି ବିଦ୍ୟାଳୟକୁ ଶ୍ରେଷ୍ଠ ବିଦ୍ୟାଳୟରେ ପରିଣତ କରିବା ପାଇଁ ଉଦ୍ୟମ କରିବେ ବୋଲି ପ୍ରକାଶ କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବୈଠକ ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ ।

ପୁଲିସ ଘେରାବନ୍ଦୀରେ ଶ୍ରୀକ୍ଷେତ୍ରର ଜଳ ଓ ସ୍ଥଳ ପ୍ରବେଶ ପଥ

ପୁରୀ: କୋଭିଡ୍ କଟକଣା ଓ ପୁରୀରେ ୧୪୪ ଧାରା ଯୋଗୁଁ ପୁଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏସପି କେ ବିଶାଲ ସିଂ ଙ୍କ ନେତୃତ୍ୱରେ ସହରର ବିଭିନ୍ନ ସ୍ଥାନରେ ପୁଲିସ ଜଗି ରହିଛନ୍ତି । ପୁରୀକୁ ସଂଯୋଗ କରୁଥିବା ସମସ୍ତ ପ୍ରବେଶ ପଥରେ ପୁଲିସ ପକ୍ଷରୁ ପିକେଟିଂ ବ୍ୟାରିକେଡ କରାଯାଇଛି । ମଙ୍ଗଳାହାଟ ଛକ, ବାଟଗାଁ, ମାଳତୀପାଟପୁର, ମେରାଇନ ଥାନା ଛକ ଠାରେ ପୁଲିସ ପକ୍ଷରୁ ଚେକିଂ କରାଯାଉଛି । ଶ୍ରୀମନ୍ଦିର ଚାରିପଟେ ତିନି ଥାକିଆ ବ୍ୟାରିକେଡ କରାଯାଇଛି । ମାର୍କେଟ ଛକ, ମୋଚିସାହି ଛକ ଓ ସୋଲାଖିଆ ବରଗଛ ଠାରୁ କୌଣସି ଚାରିଚକିଆ ଯାନ ମନ୍ଦିର ଆଡକୁ ଛଡାଯାଉନାହିଁ । ସ୍ନାନ ଯାତ୍ରା ଓ ଶ୍ରୀକ୍ଷେତ୍ର ର ସୁରକ୍ଷା ପାଇଁ ୩୫ ପ୍ଲାଟୁନ ପୁଲିସ ଫୋର୍ସ ଜଗି ରହିଛନ୍ତି ।

ଜିଲ୍ଲାରୁ ଚିହ୍ନଟ ହେଲେ ନୂଆ ୧୭୦ ଆକ୍ରାନ୍ତ, ଜଣେ ଆକ୍ରାନ୍ତ ମୃତ

ଭଦ୍ରକ: ଭଦ୍ରକ ଜିଲ୍ଲାରୁ ଚିହ୍ନଟ ହୋଇଛନ୍ତି ଆଉ ୧୭୦ ନୂଆ କରୋନା ଆକ୍ରାନ୍ତ । ଏଥି ସହିତ ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ମଧ୍ୟ ହୋଇଛି । ଏହି ନୂତନ ଆକ୍ରାନ୍ତଙ୍କୁ ମିଶାଇ ଜିଲ୍ଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୧ହଜାର ୬୨୯ ହୋଇଥିବା ବେଳେ ଜଣଙ୍କର ମୃତ୍ୟୁ ପରେ ମୋଟ ମୃତକଙ୍କ ସଂଖ୍ୟା ହୋଇଛି ୪୨ । ସେହିପରି ମୋଟ ସୁସ୍ଥଙ୍କ ସଂଖ୍ୟା ୧୯ ହଜାର ୮୪୧ ଥିବା ବେଳେ ସକ୍ରିୟ ଆକ୍ରାନ୍ତ ଅଛନ୍ତି ୧୭୪୬ଜଣ । ନୂତନ ଭାବେ ଚିହ୍ନଟ ଆକ୍ରାନ୍ତମାନେ ବାସୁଦେବପୁର ପୌରପାଳିକାର ୧୨, ୨୨, ୮ ଓ ୧୪ ନଂ ୱାର୍ଡରୁ ୪ଜଣ, ଭଦ୍ରକ ପୌରାପଳିକାର ଜଗନ୍ନାଥପୁର, କୁଆଁସ, ଚରମ୍ପା, ବାଇପାସ୍, ଗବସାହି, ବାଗୁରାଇରୁ ମୋଟ ୯ଜଣ, ବନ୍ତ ବ୍ଲକର ଆଡିଆ, ବନ୍ତ, ବିଟିପୁର, ନିଲୋକ, ଷେଷ୍ଠତୀରା ଗ୍ରାମରୁ ୮ଜଣ, ଧାମନଗର ବ୍ଲକର ଅସୁରାଳି, ବୟାଙ୍ଗଡିହି, ଗୁଆପୋଖରୀ, ଧୁଷୁରୀ, ଫତେପୁର, ଗଡିଆଳି, ଖପରପଦା ଗ୍ରାମରୁ ୧୧ଜଣ, ଭଣ୍ଡାରିପୋଖରୀ ବ୍ଲକର ବାଲିପୋଖରୀ, ବାବଳପୁର, ବିଷ୍ଣୁପୁର, ଜଳମଣ୍ଡୁଆ, ଝୁଟଶା, କଣ୍ଟି, ନାଆମୀ, ରଞ୍ଜିତ, ତେସିଙ୍ଗା ଗ୍ରାମରୁ ମୋଟ ୩୦ଜଣ, ବାସୁଦେବପୁର ବ୍ଲକର ଆର୍ଗୁଂ, ଆରୁହା, ବାଲିମେଦ, ବରଣ୍ଡୁଆ, ବିରସ, ବିଦେଇପୁର, ଚୁଡାମଣି, ଗୁଆଗଡିଆ, କିସ୍ମତ୍ କୃଷ୍ଣପୁର, ଲକ୍ଷ୍ମୀଦାସପୁର, ଲୁଙ୍ଗା, ନରସିଂହପୁର, ନୂଆଗାଁ, ପଦ୍ମପୁର, ସାନକୃଷ୍ଣପୁର, ସୁଦର୍ଶନପୁର, ଓ ସୁଗୋ ଗ୍ରାମରୁ ମୋଟ ୩୦ଜଣ, ଚାନ୍ଦବାଲି ବ୍ଲକର ଓଣ୍ଡିଆ, ଭାଟପଡା, ବ୍ରଜରାଜପୁର, ଚରଦିଆ, ଘଟପୁର, କରଣପଲ୍ଲୀ, ଖେରଙ୍ଗ, ତେନ୍ତୁଳିଡିହି ଗ୍ରାମରୁ ୧୦ଜଣ, ଭଦ୍ରକ ବ୍ଲକର ବେନ୍ତାଳ, ଇଚ୍ଛାପୁର, ଚରମ୍ପା, ଏରେଇଁ, ଆରଡିଛକ, ଗେଲଟୁଆ, ଜଗଦଳପୁର, କଲେଇ, କେଦାରପୁର, ଖଣ୍ଡତଡ଼ା, ରାହାଞ୍ଜ, ରାନ୍ଦିଆ, ସାବରଙ୍ଗ ଗ୍ରାମରୁ ୩୧ଜଣ, ତିହିଡ଼ି ବ୍ଲକର ବୋଡକ, ଫତେପୁର, କାଁପଡା, କୋହ୍ନୁ, କୁବେରା, ମୁକୁନ୍ଦପୁର, ନରେନ୍ଦ୍ରପୁର, ରାଜନଗର ଗ୍ରାମରୁ ମୋଟ ୧୫ଜଣ, ଚାନ୍ଦବାଲି ଏନ୍‌ଏସିରୁ ଜଣେ, ଅନ୍ୟ ଜିଲ୍ଲାରୁ ୨ଜଣ ଏବଂ ଭଦ୍ରକ ଜିଲ୍ଲାର ୧୯ଜଣ ଜିଲ୍ଲା ବାହାରେ ଚିହ୍ନଟ ହୋଇଛନ୍ତି ।

ଗ୍ୟାସ ଆଧାରିତ ଭିତିଭୂମି ନିର୍ମାଣ ଦିଗରେ ଭାରତ ଅଗ୍ରସର : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, (ପିଏନ)- ଦେଶର ତୈଳ ଏବଂ ଗ୍ୟାସ ରାଷ୍ଟ୍ରାୟତ ଉଦ୍ୟୋଗ(ପିଏସୟୁ) ଓ ସେମାନଙ୍କ ଯୌଥ ଉଦ୍ୟୋଗ ସାହାଯ୍ୟରେ ଗ୍ୟାସ ଆଧାରିତ ଭିତିଭୂମି ନିର୍ମାଣ ଦିଗରେ ଭାରତ ଅଗ୍ରସର ବୋଲି ଆଜି ଭିଡିଓ କନଫରେନ୍ସିଂ ଯୋଗେ ରାଷ୍ଟ୍ର ଉଦ୍ଦେଶ୍ୟରେ ୫୬ଟି ସିଏନଜି ଷ୍ଟେସନ ଲୋକାର୍ପଣ କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଲୋକାର୍ପିତ ସିଏନଜି ଷ୍ଟେସନ ଭାରତର ସ୍ୱଚ୍ଛ ଓ ସବୁଜ ଭବିଷ୍ୟତ ଗଠନ ଦିଗରେ ଥିବା ପ୍ରଚେଷ୍ଟାକୁ ସଶକ୍ତ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଳବାୟୁ ନ୍ୟାୟକୁ ନିଶ୍ଚିତ କରିବା ଓ ସମସ୍ତଙ୍କ ପାଇଁ ସୁଲଭ ମୂଲ୍ୟରେ ସ୍ୱଚ୍ଛ ଇନ୍ଧନ ଯୋଗାଇଦେବା ପାଇଁ ଦୃଢ ନିଶ୍ଚିତ । ଆଜି ରାଷ୍ଟ୍ର ଉଦ୍ଦେଶ୍ୟରେ ଅନେକ ସିଏନଜି ଷ୍ଟେସନ ଲୋକାର୍ପିତ କରାଯାଇଛି । ସେ କହିଛନ୍ତି ଆଗାମୀ ଦିନରେ ଭାରତକୁ ଗ୍ୟାସ ଆଧାରିତ ଅର୍ଥନୀତିରେ ପରିଣତ କରାଯିବା ପାଇଁ ଚେଷ୍ଟା କରାଯାଉଛି । ଦେଶର ୫ କୋଟି ଘରକୁ ପାଇପ ଯୋଗେ ପ୍ରାକୃତିକ ଗ୍ୟାସ ପହଁଚାଇବାର ଲକ୍ଷ୍ୟ ରଖାଯାଇଛି । ସେହିପରି ସ୍ୱର୍ଣ୍ଣ ଚତୁର୍ଭୁଜରେ ୧୦୦ ଏଲ୍‌ଏନ୍‌ଜି ଷ୍ଟେସନ ପ୍ରତିଷ୍ଠା କରିବାକୁ ହୋଇଥିବା ଯୋଜନା ସ୍ୱଚ୍ଛ ଇନ୍ଧନ ବ୍ୟବହାରରେ ନୂଆ ମାପଦଣ୍ଡ ଆଣିବ । ଏହାସହ ସାରା ଦେଶରେ ୫୦୦୦ କମ୍ପ୍ରେସଡ୍ ବାୟୋ ଗ୍ୟାସ ପ୍ଲାଂଟ୍ ପ୍ରତିଷ୍ଠା କରିବା ଦିଗରେ ଭାରତ ସରକାର ଅଗ୍ରସର ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ଭାରତ ସରକାର ପ୍ରାକୃତିକ ଗ୍ୟାସକୁ ପ୍ରୋତ୍ସାହନ ଦେବା ଦିଗରେ କାମ କରୁଛନ୍ତି । ୨୦୩୦ ସୁଦ୍ଧା ପ୍ରାକୃତିକ ଗ୍ୟାସର ସେୟାରକୁ ବର୍ତମାନର ୬.୩ ପ୍ରତିଶତରୁ ୧୫ ପ୍ରତିଶତ କରାଯିବାର ଲକ୍ଷ୍ୟ ରଖାଯାଇଛି । ବର୍ତମାନ ଦେଶରେ ପ୍ରାୟ ୧୭ ହଜାର କିମି ଲମ୍ବ ଗ୍ୟାସ ପାଇପଲାଇନର ନିର୍ମାଣ କାମ ଚାଲୁଛି । ପରିବେଶ ସହଯୋଗୀ ଇନ୍ଧନ ଉପଲବ୍ଧ କରିବା ପାଇଁ ସିଜିଡି ନେଟୱାର୍କର ସଂପ୍ରସାରଣ କରାଯାଉଛି । ଘର, ଶିଳ୍ପ ଏବଂ ବାଣିଜ୍ୟିକ କେନ୍ଦ୍ର ଏବଂ ସିଏନଜି ପରିବହନ କ୍ଷେତ୍ର ପାଇଁ ପ୍ରାକୃତିକ ଗ୍ୟାସ ଯୋଗାଯାଉଛି । କମ୍ପ୍ରେସଡ୍ ବାୟୋ-ଗ୍ୟାସ(ସିବିଜି) ଏବଂ ଜୈବଖତ ଉତ୍ପାଦନ କରି ଉଦ୍ୟମୀ ମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି । ଶ୍ରୀ ପ୍ରଧାନ କହିଛନ୍ତି ଚୀନ ଏବଂ ଆମେରିକା ପରେ ଦ୍ୱିତୀୟ ବୃହତମ ଜନସଂଖ୍ୟା ଆଧାରରେ ଭାରତ ତୃତୀୟ ସର୍ବବୃହତ ଉର୍ଜା ଉପଭୋକ୍ତା ରାଷ୍ଟ୍ର । ବିଶ୍ୱରେ ଅଧିକ ଉର୍ଜା ବ୍ୟବହାର କରିଥିବା କ୍ଷେତ୍ରରେ ଭାରତରେ ଉର୍ଜା ଉପଭୋକ୍ତା ଏବଂ ଉର୍ଜା ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଦେଶର ପ୍ରଦୂଷଣକୁ ହ୍ରାସ କରିବା ଦିଗରେ ଦେଶର ପ୍ରଧାନମନ୍ତ୍ରୀ କାର୍ଯ୍ୟ କରୁଛନ୍ତି । ଉର୍ଜା ବ୍ୟବସାୟରେ ନୂଆ ନିବେଶକଙ୍କ ପାଇଁ ନୀତି ସଂସ୍କାର ଅଣାଯାଇଛି । ଏହି ଅବସରରେ ଶ୍ରୀ ପ୍ରଧାନ ମାର୍କେଟିଂ କମ୍ପାନୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି କାମ କରିବା ପାଇଁ ଆହ୍ୱାନ କରିଛନ୍ତି । ଏହା ଦ୍ୱାରା ଉର୍ଜା କ୍ଷେତ୍ରରେ ଅଧିକ ପ୍ରତିଯୋଗିତା ବଢିବ ଏବଂ ଉପଭୋକ୍ତାଙ୍କ ପାଇଁ ସଠିକ୍ ମୂଲ୍ୟ ନିର୍ଣ୍ଣୟ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

ଆମ୍ବାଗୁଡା ଗ୍ରାମ୍ୟ ରାସ୍ତା ନିର୍ମାଣ ନହେଲେ ରାଜପଥ ଅବରୋଧ

ଜୟପୁର:ଜୟପୁର ବ୍ଲକର ଆମ୍ବାଗୁଡା ଗ୍ରାମ୍ୟ ରାସ୍ତା ସହ ଜାତୀୟ ରାଜପଥର ସଂଯୋଗୀକରଣ କଲର୍ଭଟ ଓ ରାସ୍ତା ନିର୍ମାଣ କରିବା ନେଇ ଗ୍ରାମବାସୀ ଦାବୀ କରିଛନ୍ତି । ୭ ଦିନ ଭିତରେ ରାସ୍ତା ନିର୍ମାଣ ନହେଲେ ଜାତୀୟ ରାଜପଥ ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି । ଏନେଇ ଉପ ଜିଲାପାଳଙ୍କ ଜରିଆରେ ଜିଲାପାଳ ଙ୍କୁ ଦାବୀ ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବୀ ପତ୍ରରେ ଉଲ୍ଲେଖ କରାଯାଇଛି ଯେ ବର୍ତମାନ ଜାତୀୟ ରାଜପଥ ୨୬ର ପୁନଃ ନିର୍ମାଣ ପରେ ଜାତୀୟ ରାଜପଥ ଗ୍ରାମ୍ୟ ରାସ୍ତା ୭ରୁ ୮ ଫୁଟ ହେବା ସହ ଉଚ୍ଚ ହେବା ସହିତ ଏହାର ନାଳ ମଧ୍ୟ ସେହି ଉଚ୍ଚତା ଅନୁପାତରେ ନିର୍ମିତ ହୋଇଛି । ସାମାନ୍ୟ ବର୍ଷା ହେଲେ ଏତେ ପରିମାଣର ବର୍ଷା ପାଣି ଜମିବା ଦ୍ୱାରା ଜାତୀୟ ରାଜପଥ କୁ ଆମ୍ବାଗୁଡା ଗ୍ରାମ ପଂଚାୟତ ଓ ହାଡିଆ ଗ୍ରାମ ପଂଚାୟତର ୧୨ଟି ଗ୍ରାମ ସମ୍ପୂର୍ଣ୍ଣ ଭାବେ ଯୋଗାଯୋଗ ବଛିନ୍ନ ହୋଇଛି । ଯଦ୍ୱାରା ସାଧାରଣ ଜନତା, ଶ୍ରମିକ, ବ୍ୟବସାୟୀ ସମସ୍ତଙ୍କ କାମ ବନ୍ଦ ହୋଇଯିବା ସହ ଜାତୀୟ ରାଜପଥକୁ ଲାଗି ରହିଥିବା ଗୃହ ଗୁଡିକରେ ବର୍ଷା ଜଳ ପ୍ରବେଶ କରୁଛି । ଦୀର୍ଘ ୧ ମାସ ହେବ ଏ ଅଂଚଳ ଜନ ସାଧାରଣ ନାହିଁ ନଥିବା ଅସୁବିଧା ର ସମ୍ମୁଖୀନ ହେଉଛନ୍ତି ।

ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

କେନ୍ଦ୍ରାପଡା, (ପିଏନ)- ପଟ୍ଟାମୁଣ୍ଡାଇ ପୋଲିସର ଅପାରଗତା ଓ ଅଭିଯୁକ୍ତ ସମିତ୍ କୁମାର ସ୍ୱାଇଁଙ୍କ ଗିରଫ ଦାବି ନେଇ ପିଡିତଙ୍

ମୋ ଓଡ଼ିଶା

ସମସ୍ତଙ୍କ ପାଇଁ ବିଜ୍ଞାନର କ୍ରାନ୍ତିକାରୀ ଉପଲବ୍ଧି

ବିଜ୍ଞାନ ଦ୍ୱାରା ମିଳୁଥିବା ଲାଭ ବିଷୟରେ ସମାଜରେ ସଚେତନତା ସୃଷ୍ଟି କରିବା ଏବଂ ବୈଜ୍ଞାନିକ ଚିନ୍ତାଧାରା ଉଦ୍ରେକ କରିବା ଉଦ୍ଦେଶ୍ୟରେ ଜାତୀୟ ବିଜ୍ଞାନ ଏବଂ ପ୍ରତ୍ୟୋଗିକୀ ପରିଷଦ ତଥା ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟର ତତ୍ତ୍ୱାବଧାନରେ ପ୍ରତିବର୍ଷ ୨୮ ଫେବୃଆରୀକୁ ଭାରତରେ ଜାତୀୟ ବିଜ୍ଞାନ ଦିବସ ଭାବେ ପାଳନ କରାଯାଇଥାଏ। ୨୮ ଫେବୃଆରୀ ୧୯୨୮ ମସିହାରେ ବିଶିଷ୍ଟ ବୈଜ୍ଞାନିକ ଚନ୍ଦ୍ରଶେଖର ଭେଙ୍କଟ ରମଣ ନିଜ ଗୁରୁତ୍ୱପୂର୍ଣ୍ଣ ଅନୁସନ୍ଧାନ 'ରମଣ ପ୍ରଭାବ'ର ଆବିଷ୍କାର କରିଥିଲେ। ଏହି ଅନୁସନ୍ଧାନ ପାଇଁ ତାଙ୍କୁ ୧୯୩୦ରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ଜାତୀୟ ବିଜ୍ଞାନ ଦିବସର ମୂଳ ଉଦ୍ଦେଶ୍ୟ ହେଉଛି ବିଦ୍ୟାର୍ଥୀମାନଙ୍କୁ ବିଜ୍ଞାନ ପ୍ରତି ଆକୃଷ୍ଟ କରାଇବା, ଜନସାଧାରଣଙ୍କୁ ବୈଜ୍ଞାନିକ ଉପଲବ୍ଧୀଗୁଡ଼ିକ ବିଷୟରେ ସଜାଗ କରିବା। ଏହି ଦିବସ ଅବସରରେ ସମସ୍ତ ବିଜ୍ଞାନ ସଂସ୍ଥାନ, ଜାତୀୟ ବିଜ୍ଞାନ ଏବଂ ଅନ୍ୟ ପ୍ରୟୋଗଶାଳା, ବିଜ୍ଞାନ ଏକାଡ଼େମୀ, ସ୍କୁଲ, କଲେଜ ଆଦିରେ ବୈଜ୍ଞାନିକ ଗବେଷଣା ସମ୍ବନ୍ଧିତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ବିଜ୍ଞାନ କ୍ଷେତ୍ରରେ ବିଶେଷ ଯୋଗଦାନ ନିମନ୍ତେ ରାଷ୍ଟ୍ରୀୟ ଏବଂ ଅନ୍ୟ ପୁରସ୍କାର ମଧ୍ୟ ଏହି ଅବସରରେ ପ୍ରଦାନ କରାଯାଇଥାଏ। ସଂପ୍ରତି କେବଳ ସର୍ବଭାରତୀୟ ସ୍ତର ନୁହେଁ ବିଶ୍ୱସ୍ତରରେ ସବୁ କ୍ଷେତ୍ରରେ ବିଜ୍ଞାନର ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି। କେବଳ ବିଦ୍ୟାର୍ଥୀ ନୁହଁନ୍ତି ସାଧାରଣରେ ଗୃହିଣୀ ଠାରୁ ପରିଣତ ବୟସର ନାଗରିକ, ବିଭିନ୍ନ କ୍ଷେତ୍ରର କର୍ମଜୀବୀ, ବୃତ୍ତିଜୀବୀ ନିଜ ନିଜ ନିତିଦିନିଆ ଜୀବନରେ ବିଜ୍ଞାନର ପ୍ରାସଙ୍ଗିକତା, ଆବଶ୍ୟକତା ଓ ବ୍ୟବହାରତାକୁ ନେଇ ଆଜିର ଯୁଗରେ ଜ୍ଞାନବିଜ୍ଞାନକୁ ବୃଦ୍ଧି କରିପାରୁଛନ୍ତି। ଭାରତର ବିଭିନ୍ନ ଶିକ୍ଷାୟତନରେ ସମପରିମାଣରେ ଓଡ଼ିଶାରେ ସମସ୍ତ ଶିକ୍ଷା ପ୍ରତିଷ୍ଠାନରେ ଛାତ୍ରଛାତ୍ରୀମାନେ ପ୍ରୟୋଗାତ୍ମକ ବିଜ୍ଞାନକୁ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ସୂଚନା ପ୍ରଯୁକ୍ତି ଓ ବୈଷୟିକ କ୍ଷେତ୍ରରେ ବିଜ୍ଞାନର ଅବଦାନ ରହିଛି। ସରକାରଙ୍କଠାରୁ ବେସରକାର କ୍ଷେତ୍ରରେ ବିଜ୍ଞାନକୁ ସବୁ ପ୍ରସଙ୍ଗ ଓ ସବୁ କ୍ଷେତ୍ରରେ ପ୍ରୋତ୍ସାହନ ମଧ୍ୟ ଦିଆଯାଉଛି। ବିଶେଷକରି ମହାକାଶ ବିଜ୍ଞାନଠାରୁ ପ୍ରତିରକ୍ଷା ବିଜ୍ଞାନ, ସୂଚନା ପ୍ରଯୁକ୍ତି ଓ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ବିଜ୍ଞାନରେ ନୂଆ ନୂଆ ପାଠ୍ୟଖସଡ଼ା ସ୍ଥାନିତ କରାଯାଇ ପିଲାମାନଙ୍କୁ ବିଜ୍ଞାନର ଉତ୍କର୍ଷତାର ଶିଖରରେ ପହ□ାଇବା ପାଇଁ ସମସ୍ତ ଉଦ୍ୟମ ଜାରି ରହିଛି। ଆଜି ଜାତୀୟ ବିଜ୍ଞାନ ଦିବସରେ ସବୁକ୍ଷେତ୍ର ଓ ସବୁମହଲରେ ଏହାର ବ୍ୟାପକତା, ଉନ୍ନତ ଚିନ୍ତାଧାରା ଓ ସଚେତନତାର ବାର୍ତ୍ତା ପ୍ରଚାର ପ୍ରସାର କରିବା ଦ୍ୱାରା ଏହି ଦିବସର ମହତ୍ତ୍ୱ ପ୍ରାସଙ୍ଗିକ ହୋଇପାରିବ।

ଡ. ଅରୁନ୍ଧତୀ ଦେବୀ,
ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର,
ଦୂରଭାଷ : ୯୯୩୭୧୭୨୮୧୦

ଯାହାକୁ ରଖିବେ ଅନନ୍ତ: ହୃଦ୍ ରୋପଣ ପରେ ନୂଆ ଜୀବନ ପାଇଲା ବାଦଲ

କେନ୍ଦୁଝର (ପିଏନ୍): ଘଟଗାଁ ବ୍ଲକ ଅନ୍ତର୍ଗତ ବଡଜାମୁପଶି ପଂଚାୟତ କୁଣ୍ଡାପିଠା ଗ୍ରାମର ରବିନ୍ଦ୍ର ପଇଦାଙ୍କ ପୁଅ ବାଦଲ ପଇଦା (୧୩)ର ହାଓଡାର ନାରାୟଣ ସୁପର ସ୍ପେଶାଲିଷ୍ଟ ହସପିଟାଲରେ ସଫଳ ହୃଦ୍ ରୋପଣ ହେବାପରେ ବାଦଲକୁ ନୂଆ ଜୀବନ ମିଳିଛି । ସୂଚନାଯୋଗ୍ୟ ଯେ ଷଷ୍ଠ ଶ୍ରେଣୀରେ ପଢୁଥିବା ସମୟରେ ରବିନ୍ଦ୍ର ପଇଦାଙ୍କ ପୁଅ ବାଦଲର ହୃଦ୍ ରୋଗ ସମସ୍ୟା ଥିବାରୁ ତାକୁ ପ୍ରଥମେ ଘଟଗାଁ ମେଡିକାଲର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡକ୍ଟର ମୁକ୍ତିକାନ୍ତ ନାୟକଙ୍କ ପରାମର୍ଶକ୍ରମେ ପ୍ରଥମେ କେନ୍ଦୁଝର ଓ ପରେ କଟକ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା । କିଛି ଚିକିତ୍ସା ପରେ ଅର୍ଥାଭାବରୁ ରବିନ୍ଦ୍ର ନିଜ ପୁଅ ବାଦଲକୁ ଘରକୁ ଫେରାଇ ଆଣିଥିଲେ । ଏପରିକି 'ସମାଜ' ରିଲିଫ୍ ଫଣ୍ଡରୁ ରବିନ୍ଦ୍ର ପଇଦାଙ୍କୁ ଏହି ପ୍ରତିନିଧିଙ୍କ ଜରିଆରେ ୫ହଜାର ଟଙ୍କାର ସାହାଯ୍ୟ ପ୍ରଦାନ କରାଯାଇଥିଲା । ତେବେ ନିକଟରେ ଘଟଗାଁ ମେଡିସାଲ ଅଫିସର ଡକ୍ଟର ମୁକ୍ତିକାନ୍ତ ନାୟକଙ୍କ ପରାମର୍ଶକ୍ରମେ ରାଷ୍ଟ୍ରୀୟ ବାଲ ସୁରକ୍ଷା କାର୍ଯ୍ୟକ୍ରମ ଅନ୍ତର୍ଗତ ପରିବାରକୁ ମାଗଣା ଚିକିତ୍ସା ପାଇଁ କୁହାଯାଇ ବାଦଲକୁ ହାଓଡାର ନାରାୟଣ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ ପଠାଯାଇଥିଲା । ସୌଭାଗ୍ୟକ୍ରମେ ପଶ୍ଚିମବଙ୍ଗର ଜଣେ ବ୍ରେନ୍‌ଡେଡ୍ ଯୁବକ ଅଙ୍ଗଦାନ କରିଥିବାରୁ ଯୁବକଙ୍କ ହୃଦୟକୁ ସଂଗ୍ରହ କରାଯାଇ ବାଦଲଙ୍କ ଶରୀରରେ ପ୍ରତିରୋପଣ କରାଯାଇଛି । ଯାହାଫଳରେ ବାଦଲକୁ ନୂଆ ଜୀବନ ମିଳିବା ସହ ରବିନ୍ଦ୍ର ପଇଦାଙ୍କ ମୁହଁରେ ହସ ଫେରାଇ ଆଣିଛି ।

ପ୍ରଗତିପଥରେ ଛତିଶଗଡ଼ ନା ଓଡ଼ିଶା ?

ମହାନଦୀ ଜଳକୁ ନେଇ ଓଡ଼ିଶା ଓ ଛତିଶଗଡ଼ ରାଜ୍ୟ ମଧ୍ୟରେ ଯେଉଁ ବିବାଦ ଲାଗି ରହିଛି ଓ ବାରମ୍ବାର ଏହି ସମ୍ବାଦ ଗଣମାଧ୍ୟମରେ ପ୍ରଚାର ହେଉଛି, ତାହାର ଗୋଟିଏ ସୁଫଳ ହେଉଛି, ପ୍ରଗତିର ସଂଜ୍ଞା କ'ଣ (?), ତାହା ଏହି ଅଳସୁଆ ଜାତି ଧୀରେଧୀରେ ବୁଝିବାକୁ ଲାଗିଛି। ଦୀର୍ଘବର୍ଷ ହେଲା ଏହି କୋଢିଆ ଜାତିକୁ ବିକାଶ କହିଲେ ଯେ, ମାଗଣା ଆହାର, ମାଗଣା ବିହାର (ତୀର୍ଥ ଯାତ୍ରା) ଓ ମାଗଣା ମରଣ (ହରିଶ୍ଚନ୍ଦ୍ର ଯୋଜନା), ମାଗଣା କମ୍ବଳ, ସାଇକେଲ୍, ଯୋତା ଓ ଲ୍ୟାପ୍‌ଟପ୍ ଆଦି ନୁହେଁ, ତାହା ଧୀରେ ଧୀରେ ଏ ଜାତି ବୁଝିବାକୁ ଲାଗିଛି। ମାଗଣା ଘର ଦେବା ଅପେକ୍ଷା ଯେ ଘର ତିଆରି କରିବାର କ୍ଷମତା ହାସଲ୍ କରିବା ନିହାତି ଜରୁରୀ, ତାହା ଏପର୍ଯ୍ୟନ୍ତ ଆମ ଲୋକେ ବୁଝିପାରୁନାହାନ୍ତି। ମାଗଣାରେ ସବୁ ପାଇ କାମ ନକରି ନୋଟ୍ ନେଇ ଭୋଟ୍ ଦେବା, ଗୋରୁ ମେଣ୍ଢା ଭଳି ନେତାମାନଙ୍କ ଡାକରାରେ ଟଙ୍କା ଶହେଟା ଓ ଭାତ-ଡ଼ାଲମା ଖାଇ ଟ୍ରକ୍‌ରେ ବୁହା ହୋଇ ସମାବେଶକୁ ଯିବା ଆମ ଜାତୀୟ ଚରିତ୍ରରେ ପରିଣତ ହୋଇଗଲାଣି। ସ୍ୱାଧୀନତା ବେଳକୁ ମଧ୍ୟ ପ୍ରଦେଶ ରାଜ୍ୟ ଆମ ଓଡ଼ିଶା ଠାରୁ ଆହୁରି ଅଧିକ ଅନୁନ୍ନତ ଥିଲା। ବିହାର, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଉତ୍ତର ପ୍ରଦେଶକୁ ନେଇ 'ବିଆଇଏମ୍‌ଏଆରଓ' (ବିମାରୁ) ଶବ୍ଦର ସୃଷ୍ଟି ହୋଇଥିଲା। ଏହି ରାଜ୍ୟଗୁଡ଼ିକ ଥିଲା ଅନଗ୍ରସରର ପ୍ରତୀକ। ୨୦୦୦ ମସିହାରେ ମଧ୍ୟପ୍ରଦେଶରୁ ଭାଗ ହୋଇ ଛତିଶଗଡ଼ ରାଜ୍ୟ ସୃଷ୍ଟି ହେଲା। ସେତେବେଳେ ଏହି ଲେଖକ ରାୟପୁରରେ ଥିଲାବେଳେ ଦେଖିଥିଲେ, ପୁଳେ ପୁରୁଣା ଆମ୍ବାସଡ଼ର ଗାଡ଼ିକୁ ଆଣି ସେଥିରେ ନାଲିବତୀ ଲଗାଇ ମନ୍ତ୍ରୀ ଓ ପଦସ୍ଥ ଅଧିକାରୀଙ୍କ ପାଇଁ ଯୋଗାଇବାର ବ୍ୟବସ୍ଥା କରା ଯାଇଥିଲା। ମନ୍ତ୍ରୀ ଓ ବିଧାୟକମାନେ ହୋଟେଲ୍‌ରେ ରହୁଥିଲେ। ଏହାମଧ୍ୟରେ ଛତିଶଗଡ଼ ଦ୍ରୁତଗତିରେ ଆଗେଇ ଚାଲିଛି। ଜଳସେଚନ ଓ ଜଳ ସଂରକ୍ଷଣ ପାଇଁ ସେମାନେ ମହାନଦୀରେ ଶତାଧିକ ବ୍ୟାରେଜ୍ ଓ ବନ୍ଧ ନିର୍ମାଣ କରିସାରିଲେଣି। ରାଜ୍ୟର ସମସ୍ତ ଜମି ଜଳସେଚିତ ହୋଇପାରିଛି। ଶହ ଶହ ଶିଳ୍ପସଂସ୍ଥାକୁ ପାଣି ଯୋଗାଇବାର ବ୍ୟବସ୍ଥା କରାଯାଉଛି। ଗତ ଉମରକୋଟ ଉପ-ନିର୍ବାଚନ ବେଳେ ପ୍ରଚାର ପାଇଁ ଆସିଥିବା ଛତିଶଗଡ଼ ପୂର୍ବତନ ମୁଖ୍ୟମନ୍ତ୍ରୀ ରମଣ ସିଂହ ଛାତିରେ ହାତ ବାଡ଼େଇ କହିଥିଲେ ଯେ, ମୋ' ରାଜ୍ୟରେ କୌଣସି ଜଳବିଦ୍ୟୁତ୍ ପ୍ରକଳ୍ପ ନାହିଁ, ତଥାପି ମୋ' ରାଜ୍ୟରେ ପାୱାର କଟ୍ ନାହିଁ। ଅଥଚ ଓଡ଼ିଶାରେ ୬୦ ଦଶକରେ ମହାନଦୀ ବକ୍ଷରେ ହୀରାକୁଦ ବନ୍ଧ ନିର୍ମାଣ ହେବା ପରେ ଆମେ ଦ୍ୱିତୀୟ ବନ୍ଧ ବା ବ୍ୟାରେଜ୍‌ଟିଏ ନିର୍ମାଣ କରିବାରେ ଅସମର୍ଥ ହୋଇଛୁ। ମହାନଦୀର ପାଣି ଆମରି ଆଗରେ ହୀରାକୁଦ ଡ୍ୟାମ୍‌ରୁ ବାହାରି ସମୁଦ୍ରକୁ ବହିଯାଉଛି। କୂଳରେ ଥିବା ଗାଁଗଣ୍ଡାକୁ ବୁଡ଼ାଇ ଦେଉଛି। ମହାନଦୀର ଅନ୍ୟ ବୃହତ୍ତ ଉପନଦୀ ତେଲ୍ ଓ ଇବ୍ ନଦୀରେ ମଧ୍ୟ କୌଣସି ଯୋଜନା ହୋଇପାରିନାହିଁ। ଦୀର୍ଘବର୍ଷର ସ୍ଥିର ଶାସନ ପରେ ମଧ୍ୟ ଗୋଟିଏ ଇଞ୍ଚ୍ ଜମି ଅଧିକ ଜଳସେଚିତ ହୋଇପାରିନାହିଁ। ଏହାହିଁ ହେଉଛି, ଛତିଶଗଡ଼ ଓ ଓଡ଼ିଶା ମଧ୍ୟରେ ବିକାଶର ପ୍ରଭେଦ। ମାଇକ୍ ଆଗରେ ରାଜ୍ୟ ପାଇଁ ଶେଷ ରକ୍ତବିନ୍ଦୁ ଦେବେ ବୋଲି ନେତାମାନେ ଯେଉଁ ଚିତ୍କାର ଛାଡୁଛନ୍ତି, ତାହା ଅତ୍ୟନ୍ତ ହାସ୍ୟାସ୍ପଦ। ମନ୍ତ୍ରୀମାନେ ଦଳୀୟ କର୍ମୀ ସାଜିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନବାବୁ ଯେଭଳି ଖୁସି ହେବେ ସେଥିପାଇଁ ଏମାନେ ଦିନରାତି ଏକାକାର କରି ଦେଉଛନ୍ତି। ଶାସନ କଥା ବୁଝିବାକୁ କେହି ନାହିଁ। କ'ଣ ଗୋଟିଏ ଆଳ କରି ପଥପ୍ରାନ୍ତ ନାଟକ ଜାରି ରଖୁଛନ୍ତି। ଏଣେ ରାଜ୍ୟକୁ ଅପପୁଷ୍ଟି, ଡ଼େଙ୍ଗୁ, ମ୍ୟାଲେରିଆ ଓ ଆନ୍ଥ୍ରାକ୍ସ ଗ୍ରାସ କରିସାରିଲାଣି। ଏସବୁ କ'ଣ ବିକାଶର ସଂଜ୍ଞା ? ବାସ୍ତବତା ଦେଖାଗଲେ, ବିକାଶର ବହୁ ପଛରେ ରହି ଗଲାଣି ଓଡ଼ିଶା।

ଡାକ୍ତର ସୁରେନ୍ଦ୍ରନାଥ ଦାଶ,
ଓଡ଼ିଶା ନ୍ୟୁଜ୍ ସର୍ଭିସ୍,ଉମରକୋଟ,
ନବରଙ୍ଗପୁର, ମୋ-୯୪୩୭୨୩୫୩୮୬

ଅବୈଧ ଗର୍ଭପାତ : ଉଦ୍‌ବେଗଜନକ ମାତୃ ମୃତ୍ୟୁହାର

ସମଗ୍ର ଭାରତବର୍ଷର ମାତୃମୃତ୍ୟୁ ହାରକୁ ଅନୁଧ୍ୟାନ କଲେ ୮ପ୍ରତିଶତ କେବଳ ଗର୍ଭପାତ ଜନିତ କାରଣରୁ ହେଉଛି। ମାତୃ ମୃତ୍ୟୁହାରରେ ସମଗ୍ର ଭାରତ ବର୍ଷ ତୁଳନାରେ ଓଡ଼ିଶାର ସ୍ଥାନ ଚତୁର୍ଥ। ସୁରକ୍ଷିତ ଗର୍ଭପାତ ପ୍ରତ୍ୟେକ ମହିଳାଙ୍କର ଏକ ମାନବିକ ଅଧିକାର ହେଲେ ଅନେକ କ୍ଷେତ୍ରରେ ଲୋକଲଜ୍ଜ୍ୟା ଭୟ ଓ ଡାକ୍ତରଖାନା ସୁବିଧାର ସଚେତନତାର ଅଭାବରୁ କେତେକ ମହିଳା ଗର୍ଭପାତ ପାଇଁ ଡାକ୍ତରଙ୍କ ବିନା ପରାମର୍ଶରେ ମେଡ଼ିସିନ ଖାଉଥିବାରୁ ଓ କ୍ୱାକ୍ ମାନଙ୍କ ଦ୍ୱାରା ଗର୍ଭପାତ କରାଉଥିବାରୁ ମହିଳାମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗର୍ଭପାତ ପାଇଁ ନିର୍ଦ୍ଧାରିତ ଆଇନ କାର୍ଯ୍ୟକାରୀ କରାଯାଉନଥିବାରୁ ଅଧିକାଂଶ ମହିଳା ଅସୁରକ୍ଷିତ ଗର୍ଭପାତର ଶିକାର ହେଉଛନ୍ତି। ଭାରତରେ ଗର୍ଭପାତକୁ ଆଇନ ସମ୍ମତ କରିବା ପାଇଁ ୧୯୭୧ ମସିହାରେ ଡାକ୍ତରୀ ପଦ୍ଧତି ଦ୍ୱାରା ଗର୍ଭପାତ ଅଧିନିୟମ ଗୃହୀତ ହୋଇଥିଲା ଯଦିଓ ଏହି ଆଇନ ଗର୍ଭପାତକୁ ସମ୍ପୂର୍ଣ୍ଣ ମୁକ୍ତ କରିନାହିଁ ତଥାପି ଯେକୌଣସି ମହିଳା ନିଜ ଇଚ୍ଛାରେ ୨୦ସପ୍ତାହ ମଧ୍ୟରେ ଗର୍ଭପାତ ପଞ୍ଜୀକୃତ ସ୍ୱାସ୍ଥ୍ୟସେବା ସଂସ୍ଥାରେ କରାଇପାରିବେ। ଏଥିପାଇଁ ୧୯୭୧ ନିୟମାବଳୀର ନିୟମ-୫ରେ ଡାକ୍ତରୀ ପଦ୍ଧତି ଦ୍ୱାରା ଗର୍ଭପାତ ନିୟମ, ୧୯୭୧ ସ୍ୱାସ୍ଥ୍ୟସେବା ସଂସ୍ଥା ମାନଙ୍କୁ ପଞ୍ଜୀକୃତ କରିବା ପାଇଁ ବ୍ୟବସ୍ଥା ରହିଛି। ଗର୍ଭପାତ ଆଇନକୁ ଅଧିକ କୋହଳ କରି ୨୦ସପ୍ତାହ ମଧ୍ୟରେ ଗର୍ଭପାତ କରିବା ପାଇଁ ବ୍ୟବସ୍ଥାକୁ ୨୪ ସପ୍ତାହ ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ଏକ ବିଲ ରାଜ୍ୟସଭାରେ ସ୍ଥଗିତ ହୋଇ ରହିଛି। ବର୍ତ୍ତମାନ ପରିସ୍ଥିତିରେ ମହିଳାମାନେ ୨୦ସପ୍ତାହ ପରେ ଜଟିଳ ଗର୍ଭପାତ କରିବାକୁ ହେଲେ ଅଦାଲତର ଅନୁମତି ନେବାକୁ ପଡୁଅଛି। ଅନେକ ସମୟରେ ବିଳମ୍ବିତ ଓ ଜଟିଳ ନ୍ୟାୟ ପ୍ରକ୍ରିୟାରେ ତୁରନ୍ତ ଅଦାଲତରୁ ଅନୁମତି ପାଇବା କଷ୍ଟଦାୟକ ହୋଇଥାଏ। ସେହିପରି ଗର୍ଭନିରୋଧକ ପଦ୍ଧତି ବ୍ୟାପକ ଭାବେ ଉପଲବ୍ଧ କରାଯାଇ ଅନିଚ୍ଛାକୃତ ଗର୍ଭଧାରଣ ରୋକାଯାଇପାରିବ। ୧୯୭୧ ମସିହାରେ ସରକାରୀସ୍ତରରେ ପ୍ରଥମ କରି ଟର୍ମିନେସନ୍ ଅଫ୍ ପ୍ରେଗନାନ୍‌ସି ଆକ୍ଟ ବଳରେ ଗର୍ଭପାତକୁ ବୈଧ କରାଗଲା। ଯାହାର ମୂଳଲକ୍ଷ୍ୟ ଥିଲା ଜନସଂଖ୍ୟାକୁ ନିୟନ୍ତ୍ରଣ କରିବା। ସେହିପରି ସ୍ୱାସ୍ଥ୍ୟଗତ ଦିଗକୁ ଲକ୍ଷ୍ୟ କରି ସନ୍ତାନ ଜନ୍ମ ମାଆର ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିଲେ ଏହି ଏମ୍‌ଟିପି ନିୟମ ସହାୟତାରେ ମଧ୍ୟ ଗର୍ଭପାତ କରାଯାଉଥିଲା। ଯାହାଦ୍ୱାରା ଅସୁରକ୍ଷିତ ଗର୍ଭପାତ ଜନିତ ମାତୃମୃତ୍ୟୁହାରକୁ ହ୍ରାସ କରାଯିବା ସଙ୍ଗେ ସଙ୍ଗେ ସେମାନଙ୍କ ସ୍ୱାସ୍ଥ୍ୟଗତ ଦିଗକୁ ଗୁରୁତ୍ୱ ଦିଆଯାଉଥିଲା। ଏହା ବ୍ୟତୀତ କେତେକ ଦୁଃସ୍ଥିତିର ଶିକାର ହୋଇ ଧର୍ଷଣର ଭୟାବହତାକୁ ସାମ୍ନା କରିଥିବା ମହିଳାମାନେ ଅବାଞ୍ଛିତ ଗର୍ଭଧାରଣ କରିଥିବାରୁ ଆଇନ ବଳରେ ଗର୍ଭପାତ କରାଯାଇ ପାରୁଥିଲା। ତେବେ ପରବର୍ତ୍ତୀ ସମୟରେ ଏହି ଗର୍ଭପାତ ବ୍ୟାପକ ଭାବରେ ବଢ଼ି ଚାଲିବାରୁ କେବଳ ଚିକିତ୍ସା ମହଲ ନୁହେଁ ସରକାରୀ ଓ ବେସରକାରୀ ମହଲରୁ ଉଦ୍‌ବେଗ ପ୍ରକାଶ ପାଇଲା। ତେବେ ପ୍ରଥମ କଥା ହେଉଛି ଅବୈଧ ଗର୍ଭପାତ କ'ଣ ପାଇଁ ଘଟିଥାଏ ? କୁମାରୀ ମାତୃତ୍ୱ ହେଉ ବା ଗର୍ଭସ୍ଥ ସନ୍ତାନର ଲିଙ୍ଗ ନିରୂପଣ ଓ କନ୍ୟାଭ୍ରୁଣ ହତ୍ୟା। ଏହି ଦୁଇଟି ପ୍ରସଙ୍ଗ ଆମର ଆଜିର ସମାଜ ପାଇଁ ଏକ ଚିନ୍ତାଜନକ ଓ ଉଦ୍‌ବେଗଜନକ ପ୍ରସଙ୍ଗ। ବର୍ତ୍ତମାନ ସୂଚନା ପ୍ରଯୁକ୍ତିର ଯୁଗରେ ମହିଳାମାନେ ପୁରୁଷଙ୍କ ସହ ସମକକ୍ଷ ହୋଇ ସବୁ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିପାରୁଛନ୍ତି। ତେବେ ଏହି ସୂଚନା ପ୍ରଯୁକ୍ତିର ବାହାନା ଭିତରେ କେତେକ ଯୁବକଯୁବତୀ ସଠିକ୍ ଦିଗ୍‌ଦର୍ଶନ ନପାଇ ଲୁଚାଚୋରା ଭାବେ ଯେଉଁ ଅମଡ଼ା ବାଟରେ ଚାଲିଥାନ୍ତି ତାହା ପରବର୍ତ୍ତୀ ସମୟରେ ସେମାନଙ୍କ ପାଇଁ ଦୁଃଖଦ ଘଟଣା ରଖିଥାଏ। ଏପରିକି ଖୁବ୍ କମ୍ ବୟସରେ ଗର୍ଭବତୀ ହୋଇଥିବାରୁ କୁମାରୀ ମାତୃତ୍ୱ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ତେବେ କେତେକ କ୍ଷେତ୍ରରେ ସ୍ୱାସ୍ଥ୍ୟଗତ କ୍ଷେତ୍ରର ଏହା ପ୍ରଭାବ ପକାଉଥିବାରୁ ପରବର୍ତ୍ତୀ ସମୟରେ ଏହି କୁମାରୀ ମାତୃତ୍ୱମାନେ ଚିର ଦିନ ପାଇଁ ମାଆ ହେବାର ସୌଭାଗ୍ୟ ହରାଇଥାନ୍ତି। ବିଶେଷକରି ଗ୍ରାମାଞ୍ଚଳରେ ସ୍ତ୍ରୀ ଓ ପ୍ରସୂତୀ ଚିକିତ୍ସକଙ୍କ ସଂଖ୍ୟା କମ୍ ରହୁଥିବାରୁ ସେଠାରେ ସେମାନେ ଚିକିତ୍ସା ସୁଯୋଗ ନପାଇ ଅନେକ ଯନ୍ତ୍ରଣାର ଶିକାର ହୋଇଥାନ୍ତି। କେବଳ ଗ୍ରାମାଞ୍ଚଳ ନୁହେଁ ଆଜି ବି ଅନେକ ଆଦିବାସୀ ମୂଳକରେ ଗୁଣୀଟୁଣି ଓ ଜଡ଼ିବୁଟିର ସହଯୋଗ ନିଆଯାଉଥିବାରୁ କୁମାରୀ ମାଆଟିର ସ୍ୱାସ୍ଥ୍ୟଅବସ୍ଥା ସଙ୍କଟାପନ୍ନ ହୋଇ ଗୁରୁତର ଭାବରେ ବହୁ ବିଳମ୍ବରେ ସରକାରୀ ଡାକ୍ତରଖାନାକୁ ଆସିଥିବା ସମୟକୁ ନେଡି ଗୁଡ଼ କହୁଣୀକୁ ବୋହିଗଲାପରି ସେମାନଙ୍କ ଜୀବନ ରକ୍ଷା କରିବା କାଠିକର ପାଠ ହୋଇଥାଏ। ଏହି କୁମାରୀ ମାତୃତ୍ୱ ପାଇଁ ମୂଲ୍ୟବୋଧର ଅବକ୍ଷୟ ହେଉ ବା ବିଶୃଙ୍ଖଳା, ଭ୍ରଷ୍ଟାଚାର ହେଉ ବା ନୈତିକତାର ଅଧଃପତନ ପରି କାରଣ ସବୁ ଦାୟୀ। ସମାଜରେ ଲିଙ୍ଗ ଅନୁପାତର ଅସମାନତା ପାଇଁ ଅବୈଧ ଗର୍ଭପାତ ଦାୟୀ। ଗର୍ଭରେ ଥିବା ପିଲାଟିର ଲିଙ୍ଗ ଜାଣିବା ପାଇଁ ଆଜିକା ସମୟରେ ଅନେକ ସଚେତନତା ହୋଇଥିଲେ ବି ତଥାପି ଅନେକ ମାନଙ୍କ କ୍ଷେତ୍ରରେ ଯେଉଁ ଉତ୍ସୁକତା ରହିଥାଏ ତାହା ଏକ ଦୁଃଖଦ ପ୍ରସଙ୍ଗ। ଏକ ପରିସଂଖ୍ୟାନର ତଥ୍ୟ ଅନୁଯାୟୀ ୟୁରୋପରେ କନ୍ୟାଭ୍ରୁଣ ହତ୍ୟା କରୁଥିବା ଦମ୍ପତିଙ୍କ ସଂଖ୍ୟା ପ୍ରତି ହଜାରେ ନବେ ଥିଲାବେଳେ ଋଷରେ ୬୮ ଓ ଅଷ୍ଟ୍ରେଲିଆରେ ୨୨ କିନ୍ତୁ ଭାରତରେ ଏ ସଂଖ୍ୟା ଯଥେଷ୍ଟ ଅଧିକ। ପ୍ରତିବର୍ଷ ଆମ ଭାରତରେ ୫୦ଲକ୍ଷରୁ ଉର୍ଦ୍ଧ୍ୱ କନ୍ୟାଭ୍ରୁଣ ହତ୍ୟା ଜଣାନ୍ତରେ ହେଉ ବା ଲୁଚାଛପାରେ ହେଉଛି। କେବଳ ଗ୍ରାମାଞ୍ଚଳ ନୁହେଁ ଅଧିକ ପାଠୁଆ ଓ ବଡ଼ ପରିବାର କୁହାଯାଉଥିବା ସହରାଞ୍ଚଳରେ ଏ ସଂଖ୍ୟା ବେଶୀ। ୨୦୦୩ ମସିହାରୁ ଭାରତରେ ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ ଓ ତତ୍‌ଜନିତ ବିଜ୍ଞାପନକୁ ବେଆଇନ ଘୋଷଣା କରିବା ସହ ଦଣ୍ଡବିଧାନ ବ୍ୟବସ୍ଥା ରହିଛି। ଯେଉଁ ବିଶେଷଜ୍ଞ ଚିକିତ୍ସକମାନେ ଲିଙ୍ଗ ନିରୂପଣ ଓ କନ୍ୟାଭ୍ରୁଣ ନଷ୍ଟରେ ସାହାଯ୍ୟ କରିଥାନ୍ତି ସେମାନଙ୍କୁ ଭାରତୀୟ ପିଙ୍ଗଳ କୋର୍ଡ଼ର ୩୧୨, ୩୧୩, ୩୧୬ ଓ ୩୧୮ ଧାରା ଅନୁଯାୟୀ ଦଣ୍ଡ ପ୍ରଦାନ କରାଯାଇଥାଏ। ଭ୍ରୁଣର ଲିଙ୍ଗ ନିରୂପଣ ପରୀକ୍ଷାକୁ ବନ୍ଦ କରିବା ପାଇଁ ସରକାରୀ ସ୍ତରରେ ରହିଥିବା ପ୍ରି-ନାଟାଲ ଡାୟଗ୍ନୋଷ୍ଟି

ଟାଟା ପାୱାର ଅଧିକ୍ଷଣ ଯନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇଲେ ବିଦ୍ୟୁତ୍ କର୍ମଚାରୀ ସଂଘ

ବାରିପଦା: ବାରିପଦା ବିଦ୍ୟୁତ୍ ସର୍କଲରେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଟାଟା ପାୱାର ଅଧିକ୍ଷଣ ଯନ୍ତ୍ରୀ ଇଂ ହରିଶ କୁମାର ପଣ୍ଡାଙ୍କୁ ପାୱାର ଏମ୍ପ୍ଲୋଇଜ ୟୁନିଅନର ସାଧାରଣ ସମ୍ପାଦକ ତାରାକାନ୍ତ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଡେପୁଟୀ ଜେନେରାଲ ସେକ୍ରେଟେରୀ ଜ୍ୟୋତିକୃଷ୍ଣ ବେହେରାଙ୍କ ନେତୃତ୍ୱରେ ୟୁନିୟନର କର୍ମକର୍ତା ଓ ସଦସ୍ୟମାନେ ଆଜି ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସାକ୍ଷାତ କରି ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ବିଭିନ୍ନ ସମସ୍ୟା ଉପରେ ସୌହାର୍ଦ୍ଦପୂର୍ଣ୍ଣ ଆଲୋଚନା କରିଥିଲେ । ଏହି ସମୟରେ ବୁଦ୍ୟୁତ୍ ଉପଭୁକ୍ତାମାନଙ୍କୁ ଉତମ ସେବା ପ୍ରଦାନ କ୍ଷେତ୍ରରେ ଆବଶ୍ୟକ ସଂଖ୍ୟକ କର୍ମଚାରୀର ଅଭାବ ମୁଖ୍ୟ ଅନ୍ତରାୟ ସୃଷ୍ଟି କରାଇଥିବାରୁ ତୁରନ୍ତ ଖାଲି ପଡ଼ିଥିବା ପଦବୀଗୁଡ଼ିକରେ ନୂତନ କର୍ମଚାରୀ ନିଯୁକ୍ତିକୁ ନେଇ ଅଧିକ୍ଷଣ ଯନ୍ତ୍ରୀ ଶ୍ରୀପଣ୍ଡାଙ୍କ ଦୃଷ୍ଟି ଆକର୍ଷଣ କରାଇଥିଲେ । ସେହିପରି ଗ୍ରାହକ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଉତମ ଗ୍ରାହକ ସେବା ଯୋଗାଇ ଦେବା ନିମନ୍ତେ ଫିଉଜ ତାର, କିଟକାଟ୍, ଇନସୁଲେଟର, ଏବି ସୁଇଚ, ଦଉଡ଼ି, ଟର୍ଚ୍ଚ ଆଦି ଆବଶ୍ୟକ ସଂଖ୍ୟକ ସରଞ୍ଜାମ ଯୋଗାଇ ଦିଆଯିବା ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ଏଥି ସହିତ ଫିଲଡ୍‌ରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କ ସୁରକ୍ଷା ଟୋପି, ଗ୍ଲୋଭସ୍, ଡ଼ିସଚାର୍ଯ୍ୟ ରଡ଼ ଆଦି ଯୋଗାଇ ଦେବା ଉପରେ ଅଧିକ୍ଷଣ ଯନ୍ତ୍ରୀ ଗୁରୁତ୍ୱରୋପ ଦେଇଥିବାରୁ ସଂଘ ପକ୍ଷରୁ ତାଙ୍କୁ ଧନ୍ୟବାଦ ପ୍ରଦାନ କରିବା ସହିତ କର୍ମଚାରୀମାନଙ୍କୁ କିପରି ପୂର୍ଣ୍ଣମାତ୍ରାରେ ସୁରକ୍ଷା ମିଳିପାରିବ ଏବଂ ସୁରକ୍ଷା ଜୋତା, ନିୟନ ଟେଷ୍ଟର, ସୁରକ୍ଷା ବେଲଟ୍ ଆଦି ସେକ୍ୱନ ସ୍ତରରେ ସମସ୍ତ କର୍ମଚାରୀମାନଙ୍କୁ ଯୋଗାଇ ଦେବାକୁ ନେଇ ଆଲୋଚନା କରିଥିଲେ । ସେହିପରି ଜିଲ୍ଲାରେ ଥିବା ୩୩/୧୧ କେଭି ଷ୍ଟ୍ରକ୍‌ଚରଗୁଡ଼ିକରେ ନଷ୍ଟ ହୋଇଯାଇଥିବା ବ୍ରେକରକୁ ତୁରନ୍ତ ପରିବର୍ତ୍ତନ କରାଯିବା ସହ ଠିକାଦାର ମାଧ୍ୟମରେ କାର୍ଯ୍ୟ କରୁଥିବା ଠିକା କର୍ମଚାରୀମାନଙ୍କର ୨ ମାସର ଦରମା , ବିଶେଷ ଭତାର ଏରିଆର ତୁରନ୍ତ ପ୍ରଦାନ କରିବା ସହ ବର୍ଷ ବର୍ଷ ଧରି କାର୍ଯ୍ୟ କରୁଥିବା ଠିକା କର୍ମଚାରୀମାନଙ୍କୁ ନିୟମିତ କରାଇବାକୁ ସଂଘର ଡ଼ିଭିଜନାଲ ସମ୍ପାଦକ ଚନ୍ଦନ କୁମାର ମହାନ୍ତି ଦାବୀ କରିଥିଲେ । ଉକ୍ତ ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ଅଶ୍ୱିନୀ ପଣ୍ଡା, ଦେବାଶିଷ ବେହେରା, ତାପସ ବେହେରା, ମାନସ ଦାସ, ସୁମନ ମହାନ୍ତ, ନବୀନ ଦତ, ଜୀବନ ଗିରି, ଅଚ୍ୟୁତ କୁମାର ସାହୁ, ସଞ୍ଜୟ ଘୋଷ, ଶାନ୍ତନୁ ହାବଡ଼ା, ଦେବାଶିଷ ସାହୁ, ରଣଜିତ୍ ସାହୁ, ଇନ୍ଦ୍ରଜିତ ମହାପାତ୍ର ପ୍ରମୁଖ ସଂଘର ସଦସ୍ୟମାନେ ଯୋଗ ଦେଇଥିଲେ ।

ଡାକ୍ତରଙ୍କୁ ସାକ୍ଷାତ ପାଇଁ କାଉଣ୍ଟର ରେ ପ୍ରବଳ ଭିଡ, ରହୁନି ସାମାଜିକ ଦୂରତା

କେନ୍ଦ୍ରାପଡ଼ା:କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦୈନିକ ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବାରୁ ପଞ୍ଜିକରଣ ଟିକେଟ କାଟିବା ପାଇଁ ଅସମ୍ଭାଳ ଭିଡ ପରିଲକ୍ଷିତ କରାଯାଇଛି । କରୋନା କଟକଣା କରାଯାଇ ଥିଲେ ମଧ୍ୟ ଟିକେଟ କାଉଣ୍ଟର ସଂଖ୍ୟା କମ୍ ଥିବାରୁ ରୋଗୀ ମାନଙ୍କୁ ଭିଡ ନିୟନ୍ତ୍ରଣ ବାହାରକୁ ଚାଲି ଯାଉଛି । ମୁଖ୍ୟ ଚିକିତ୍ସାଳୟରେ ୫ଟି ଟିକେଟ କାଉଣ୍ଟର କରାଯିବା ବ୍ୟବସ୍ଥା ଥିଲେ ମଧ୍ୟ ମାତ୍ର ୨ଟି କାଉଣ୍ଟରରେ ୨ ଜଣ ଅପରେଟର ପଞ୍ଜିକରଣ କାର୍ଯ୍ୟ କରୁଥିବାରୁ ଦୂର ଦୂରାନ୍ତରୁ ଆସୁଥିବା ରୋଗୀମାନେ ସାମାଜିକ ଦୂରତା ପାଳନ କରି ନପାରି ଟିକେଟ୍ ନେବାପାଇଁ ଗହଳି କରୁଥିବା ଦେଖିବାକୁ ମିଳୁଛି ।

ରଥଖଳାରେ ବୁଧବାର ଦିନ ତିନିରଥର ତୃତୀୟ ଭୂଇଁ ପଡିବା କାର୍ଯ୍ୟ ଶେଷ ହୋଇଛି ।

ଲିଜ୍‌ଧାରୀ ଚୟନରେ ଅନିୟମିତତା ଅଭିଯୋଗ

ହାଟଡିହି(ପିଏନ)-କେନ୍ଦୁଝର ଜିଲ୍ଲା ହାଟଡିହି ତହସିଲ ତରଫରୁ ଅଗଷ୍ଟ ମାସ ୨୫ତାରିଖ ଚିଠି ନଂ ୫୬୪୦ ଅନୁସାରେ ତିନୋଟି ବାଲିଘାଟ ଲିଜ୍ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ସେଥି ମଧ୍ୟରୁ ଆଇତିପୁର ପଂଚାୟତ ଅମୃତପୁର ବୈତରମୀ ନଦୀ ବାଲିଘାଟ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା । ଯାହାର ଖାତା ନଂ ୧୬୨ ଏବଂ ପ୍ଲଟ୍ ନମ୍ବର ୯୮୩/୯୮୯ ଅଟେ । ମୋଟ୍ ୧୦ଜଣ ଟେଣ୍ଡରଧାରୀ ଅଂଶଗ୍ରହଣ କରିଥିଲେ । ସେପ୍ଟେମ୍ବର ୨୪ତାରିଖ ଟେଣ୍ଡର ଖୋଲା ଯାଇଥିଲା । ଆବଶ୍ୟକୀୟ ଡକ୍ୟୁମେଣ୍ଟ ସହ ଅଧିକ ମୂଲ୍ୟରେ ଟେଣ୍ଡର ପକାଇ ଥିବା ବ୍ୟକ୍ତିଙ୍କ ନାମ କ୍ରମାନୁସାରେ ପ୍ରକାଶ ପାଇଥିଲା । କିନ୍ତୁ ଡକ୍ୟୁମେଣ୍ଟ ଠିକ୍ ନଥିବା ଟେଣ୍ଡରଧାରୀଙ୍କୁ ଚୟନ କରାଯାଇଥିଲା ଅନ୍ୟ ଜଣେ ଟେଣ୍ଡରଧାରୀ ବିଶ୍ୱଜିତ୍ ଦାସ ଅଭିଯୋଗ କରିଛନ୍ତି । ଉପଯୁକ୍ତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ସେ ନିଜର ଅଭିଯୋଗ କେନ୍ଦୁଝର ଜିଲ୍ଲାପାଳ, ଆନନ୍ଦପୁର ଉପଜିଲ୍ଲାପାଳ ଓ ହାଟଡିହି ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି । ଉଚିତ୍ ପଦକ୍ଷେପ ନିଆ ନଗଲେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ବିଶ୍ୱଜିତ୍ ପ୍ରକାଶ କରିଛନ୍ତି ।

ପରିବା ନାମ ଶୁଣିଲେ ଭୟ ଲାଗୁଛି : ହଜାରେ ଟଙ୍କାରେ ବ୍ୟାଗ ଭର୍ତି ହେଉ ନାହିଁ

ବାରିପଦା: ପରିବା ବଜାର ମୂଲ୍ୟରେ ଝଡ଼ ଉଠିଛି । ପନିପରିବା ନାଁ ଶୁଣିବାକୁ ଭୟ ଲାଗୁଛି । ବଜାର ମୂଲ୍ୟ ଏପରି ଆକାଶ ଛୁଆଁ ହୋଇଛି ଯେ, ସାଧାରଣ ଜନତା ନିଜ ଜୀବନ ବଂଚାଇ ନିମନ୍ତେ ତ୍ରାହି ତ୍ରାହି ଡାକ ଛାଡ଼ିବାରେ ଲାଗିଛି । ପନିପରିବାଠାରୁ ଆରମ୍ଭ କରି ଡାଲି , ତେଲ , ଲୁଣ ପର୍ଯ୍ୟନ୍ତ ସବୁର ଦାମ୍ ବୃଦ୍ଧି ପାଇବାରେ ଲାଗିଛି । ଯାହା ଦ୍ୱାରା ଧନୀ, ମଧ୍ୟବିତ ଓ ଗରୀବ ସମସ୍ତ ପରିବାରର ରନ୍ଧନିଶାଳରେ ଝଡ଼ ଉଠିଛି । ମୟୂରଭଞ୍ଜ ଜିଲ୍ଲାର ମଫସଲ ହେଉ କିମ୍ବା ସହର ସବୁ ସ୍ଥାନରେ ଗରୀବ ଖଟିଖିଆ , ଆଦିବାସୀ ତଥା ମଧ୍ୟବିତ ବର୍ଗର ପରିବାର ଚଳଣିରେ ହଇଚଇ ସୃଷ୍ଟି କରିଛି । ହଜାରେ ଟଙ୍କା ଧରି ବଜାରକୁ ଗଲେ ବ୍ୟାଗ ଭର୍ତି ହେଉ ନାହିଁ । ଏହି ମୂଲ୍ୟ ବୃଦ୍ଧିକୁ ରୋକିବାରେ ରାଜ୍ୟ କିମ୍ବା କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଭାବରେ ବିଫଳ ହୋଇଛି । ଉଭୟ ସରକାର ଜନସାଧାରଣଙ୍କୁ ସେମାନଙ୍କର ମୌଳିକ ଅଧିକାର ଯୋଗାଇବାରେ ସଫଳ ହୋଇ ପାରୁ ନାହିଁ । ଭଲ ଭାବରେ ଦୁଇ ବେଳା ଗଣ୍ଡାଏ ଖାଇବାକୁ ନ ମିଳିଲେ ଏହାକୁ କୁଶାସନ କହିବାର ଯଥାର୍ଥତା ରହିଛି ବୋଲି ଜନସାଧାରଣରେ ହେଉଥିବା ଆଲୋଚନାରୁ ଜଣାପଡ଼ିଛି । ବାରିପଦା ବଜାରରେ ପରିବା ଦରରେ ଲଗାମ ନାହିଁ । ବର୍ତମାନ ଜଣେ ସାଧାରଣ ବ୍ୟକ୍ତି ପକ୍ଷରେ ଘରର ରନ୍ଧନଶାଳକୁ ଆବଶ୍ୟକ ସାମଗ୍ରୀ ଯୋଗାଇବା କଷ୍ଟକର ହୋଇପଡ଼ିଛି । ଗରିବ ଖଟିଖିଆମାନଙ୍କ କଥା ଛାଡ଼ନ୍ତୁ, ମଧ୍ୟବିତ ଶ୍ରେଣୀର ଲୋକମାନେ ଏହା ଦ୍ୱାରା ପ୍ରଭାବିତ ହେଲେଣି । ତେଲ, ଲୁଣ , ପିଆଜ, ଆଳୁ ଓ ପରିବା କିଣି ଖାଇବା ଏକ ଦିବା ସ୍ୱପ୍ନରେ ପରିଣତ ହୋଇଯାଇଛି । କେବଳ ପରିବା ନୁହେଁ, ମଣିଷ ବ୍ୟବହାର କରୁଥିବା ସମସ୍ତ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ଏପରି ବୃଦ୍ଧି ପାଇଛି ଯେ ବର୍ତମାନ ପରିବାର ଚଳାଇବା କଷ୍ଟକର ବ୍ୟାପାର ହୋଇପଡ଼ିଛି । ପରିବାରର ବଜେଟରେ ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଉଚ୍ଚ ପଦସ୍ଥ ଅଫିସର , ସରକାରୀ କର୍ମଚାରୀମାନଙ୍କ ଠାରୁ ଆରମ୍ଭ କରି ଠିକାଦାର ଓ ବ୍ୟୁରୁକ୍ରାଟ, ଦିନ ମଜୁରୀଆ , ଖଟିଖିଆ ଓ ସ୍ୱଳ୍ପ ବେତନ ଭୋଗି କର୍ମଚାରୀମାନେ ବହୁମାତ୍ରାରେ ପ୍ରଭାବିତ ହେଉଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାର ଏମାନଙ୍କ ଦଃଖ ଦୂର କରିବା ନିମନ୍ତେ ପ୍ରୟାସ କରୁ ନଥିବାର ପରିଲକ୍ଷିତ ହୋଇଛି । ତେଣୁ ରାଜ୍ୟ ଓ କେନ୍ଦ୍ର ସରକାର ଦେଶରୁ ଗରିବୀ ପରିବର୍ତେ ଗରୀବ ହଟାଇବା ନିମନ୍ତେ ପ୍ରୟାସ ବୋଲି ଜନସାଧାରଣରେ ଚର୍ଚ୍ଚା ଆରମ୍ଭ ହୋଇଛି । ବାରିପଦା ସହରର ପରିବା ବଜାର କୁହାଯାଉଥିବା କଚେରୀ ଓ ରାତି ପରିବା ମାର୍କେଟରେ ତେଲ, ଡ଼ାଲିଠାରୁ ଆରମ୍ଭ କରି ପନିପରିବାର ଦର ଉଚ୍ଚା ରହିଛି । ବର୍ତମାନ ପ୍ରତି କିଲୋଗ୍ରାମ ଟାଟା ଲୁଣ- ଟ୨୦/-, ପୁଷ୍ତ-ଟ୧୬୦୦/- ଆଳୁ ୧୨ ଟଙ୍କା, ପିଆଜ ୨୫ ଟଙ୍କା, ବାଇଗଣ(ଚାଲାଣି)-ଟ୮୦/- , କଲରା-ଟ୮୦/-, ଭଣ୍ଡି-ଟ୬୦/-, ବୋଇତାଳୁ-ଟ୩୦/-, ଭେଣ୍ଡି-୬୦/-, ଅମୃତଭଣ୍ଡା-ଟ୪୦/-, ସାରୁ-ଟ୫୦/-, କାଙ୍କଡ(ହାଇବ୍ରିଡ଼) ଦେଶୀ-୧୨୦/ଓ ଚାଲାଣି -୮୦/-, ଖମ୍ବଆଳୁ-ଟ୬୦/-, କୁନ୍ଦୁରୀ-୫୦/-, ବିଲାତି-ଟ୩୦/-, କଂଚାଲଙ୍କା-ଟ୧୫୦/-, ଫୁଲକୋବି(ଛୋଟ)-ଟ୪୦/- ଓ ବଡ଼- ୮୦/-, ବନ୍ଧା ୧ କି.ଗ୍ରା- ୪୦-, ସୁଜନା ନାଡ଼ି-ଟ୧୬୦/-, କଂଚା କଦଳୀ ୩କୁ ୨୦/- , ପୋଟଳ- ୬୦/-, ନାଡୁକା-୮୦/- , ଧଣିଆ ପତ୍ର- ୩୦୦/-, ଶାଗ ବିଡ଼ା ୫ ଟଙ୍କା, ସୁରିଷ ତେଲ(ଇଞ୍ଜିନ)-ଟ୧୮୦/-, ରିଫାଇନ(ଫର୍ଚ୍ଚ୍ୟୁନ) - ୧୬୭/-, ମୁଗଡାଲି-୯୫/-,ହରଡ଼- ୧୦୫/-, ବୁଟ ଡ଼ାଲି ୭୫/-, ମସୁରୀ ଡ଼ାଲି ୮୦/-, ଚାଉଳ(ମୋଟା) –ଟ୩୩୦/-, ସରୁ ଚାଉଳ-ଟ୩୩୫/-ରୁ ଟ୧୪୦/- ଓ ହଳଦୀ(ଗୋଟା)- ୧୫୦/-, ହଳଦୀ ଗୁଣ୍ଡ-୧୮୦/-, ଶୁଖିଲା ଲଙ୍କା ୨୪୦/- , ଚିଙ୍ଗୁଡ଼ି (ଛୋଟ)- ୪୦୦/-, ମହୁରାଳି- ୩୦୦/-, ରୋହୀ(ଛୋଟ)- ୧୬୦/-, ଭାକୁଡ଼(ଛୋଟ)- ୨୦୦/-, ଇଲିସି(ଛୋଟ)-୫୦୦/-, ଦେଶୀ କୁକୁଡ଼ା ୫୬୦/-, ଖାସି ମାଂସ -୬୮୦/- ଏହି ପରି ସମସ୍ତ ଜିନିଷ ବିକ୍ରି ହେଉଛି । ହଜାରେ ଟଙ୍କାରେ ବ୍ୟାଗ ଭର୍ତି ହେଉ ନାହିଁ । ଯାହା ଫଳରେ ଖାଉଟିମାନେ ବଜାରକୁ ଯିବାକୁ ଭୟ କରୁଛନ୍ତି । ଏପଟେ ରୋଷେଇଶାଳରୁ ଡ଼ାକରା ଶୁଭିଲେ ଦେହରେ ଛନକା ପଶୁଛି । ଆୟ ଉପାର୍ଜନ କମି ଆସିଥିବା ବେଳେ ମହଙ୍ଗାମାଡ଼ରେ ପରିବାରର ଚଳାଇବାର ବୋଝ ସମ୍ଭାଳିବା ସମ୍ପୂର୍ଣ୍ଣ ଅସମ୍ଭବ ହୋଇପଡ଼ିଛି । ଏହି ସମୟରେ ବଜାରର ମୂଲ୍ୟବୃଦ୍ଧି ସରକାରଙ୍କ ନିୟନ୍ତ୍ରଣରେ ଥିବା ଭଳି ମନେ ହେଉ ନାହିଁ । ବଜାରରେ ମୂଲ୍ୟ ବୃଦ୍ଧିକୁ ନେଇ ଏମାନେ ଯାହା କୁହନ୍ତି- ବର୍ତମାନ ବଜାରରେ ସମସ୍ତ ନିତ୍ୟବ୍ୟବହାର୍ଯ୍ୟ ଜିନିଷର ମୂଲ୍ୟ ଏତେ ପରିମାଣରେ ବଢ଼ିଛି ଯେ,ଏହାର ପ୍ରଭାବରେ ପରିବାରକୁ ଦୁଇ ବେଳା ଖାଦ୍ୟ ଯୋଗାଇବା ସମ୍ଭବ ହେଉ ନାହିଁ । ଯେଉଁମାନଙ୍କ ନିକଟରେ କଳାଧନ ରହିଛି, ରାତିଏ ଗଲେ ହାତିଏ ଆଣୁଛନ୍ତି ସେମାନଙ୍କର କିଛି ଯାଏ ଆସେ ନାହିଁ । ମାତ୍ର ଆମ ଭଳି ମଧ୍ୟବିତ ପରିବାର ପାଇଁ ଏହି ମୂଲ୍ୟ ବୃଦ୍ଧି ଆଖିରେ ଲୁହ ଆଣି ଦେଉଛି । କରୋନା ଆୟ ଉପାର୍ଜନକୁ ଛଡ଼ାଇ ନେଇଥିବା ବେଳେ ମୂଲ୍ୟ ବୃଦ୍ଧି ଆମର ମେରୁଦଣ୍ଡକୁ ଭାଙ୍ଗି ଦେଇଥଛି ।

ରାଜ୍ୟ ଭାରତ ସ୍କାଉଟ୍‌ସ୍ ଓ ଗାଇଡ୍‌ସ୍ ସଂଗଠନର ରାଜ୍ୟ ପରିଷଦ ବୈଠକ

ଭୁବନେଶ୍ୱର,(ପିଏନ)- ଓ ଡି ଶ । ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂଗଠନର ୯୦ତମ ରାଜ୍ୟ ପରିଷଦ ବୈଠକ ଅନ୍‌ଲାଇନ୍ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଅଛି । ରାଜ୍ୟ ସଭାପତି ଅବସରପ୍ରାପ୍ତ ନ୍ୟାୟମୂର୍ତ୍ତି ଶ୍ରୀଯୁକ୍ତ ମନୋରଞ୍ଜନ ମହାନ୍ତିଙ୍କ ପୌରହିତ୍ୟରେ ଆୟୋଜିତ ଉକ୍ତ ବୈଠକରେ ରାଜ୍ୟ ମୁଖ୍ୟ କମିଶନର ଶ୍ରୀ କାଳିପ୍ରସାଦ ମିଶ୍ର, ଓଡ଼ିଶା ସରକାରଙ୍କର ଅତିରିକ୍ତ ଶାସନ ସଚିବ ଶ୍ରୀ ଅଶୋକ କୁମାର ରଥ, ରାଜ୍ୟ ଗାଇଡ୍ କମିଶନର ଡଃ ଶ୍ରୀମତୀ ସିପ୍ରା ନାୟକ, ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡଃ. ବିଶ୍ୱଜିତ୍ ଘୋଷ, କାଉନ୍‌ସିଲ୍ ଅଫ୍ ହାୟର ସେକେଣ୍ଡାରୀ ଏଜୁକେସନ୍ ଉପ ସଭାଧ୍ୟକ୍ଷ ଶ୍ରୀ ବୃନ୍ଦାବନ ଶତପଥୀ, ରାଜ୍ୟ ସଂପାଦକ ଶ୍ରୀ ରାମମୂର୍ତ୍ତି ଦୋରା, କୋଷାଧ୍ୟକ୍ଷ ଶ୍ରୀ ଶରତ ଚନ୍ଦ୍ର ପାଇକରାୟ ଏବଂ ପରିଷଦର ବହୁ ସଦସ୍ୟ ଯୋଗଦାନ କରିଥିଲେ । ପ୍ରାରମ୍ଭରେ ଦିବଂଗତ ସ୍କାଉଟ ବ୍ୟକ୍ତିତ୍ୱମାନଙ୍କ ଉଦ୍ଦେଶ୍ୟରେ ଏକମିନିଟ୍ ନିରବ ପ୍ରାର୍ଥନା କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ରାଜ୍ୟ ମୁଖ୍ୟ କମିଶନର ଶ୍ରୀ କାଳିପ୍ରସାଦ ମିଶ୍ରଙ୍କ ଦ୍ୱାରା ବର୍ଷ ବ୍ୟାପୀ ରାଜ୍ୟ ସଂଗଠନ ଦ୍ୱାରା ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ କରାଯାଇଥିବା ବହୁମୁଖି କାର୍ଯ୍ୟ ସମ୍ପାଦନ ଦ୍ୱାରା ରାଜ୍ୟ ସଂଗଠନ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିବା ଉପରେ ସଭ୍ୟମାନଙ୍କୁ ଆଲୋକପାତ କରିଥିଲେ ।

୫୦ କିଗ୍ରା ଗଞ୍ଜେଇ ସମେତ କାର୍, ବାଇକ୍ ଜବତ : ୪ ଗିରଫ

କନ୍ଧମାଳ, (ପିଏନ)- କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ପୋଲିସ ସେହି ଅଂଚଳର ପେନାଗିରୀ ଛକ ନିକଟରୁ ଗୋଟିଏ ଟାଟା ଇଣ୍ଡିଗୋ କାର୍ ଭିତରୁ ଦୁଇଟି ବସ୍ତାରେ ଚାଲାଣ ହେଉଥିବା ୫୦ କିଗ୍ରା ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ଚାରି ଜଣ ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କୁ କୋର୍ଟ ଚାଲାଣ କରିଥିବା ଫିରିଙ୍ଗିଆ ଥାନା ଅଧିକାରୀ ପି. ଶ୍ୟାମସୁନ୍ଦର ରାଓଙ୍କ ସୂତ୍ରରୁ ଜଣାପଡିଛି । ସୂଚନା ଅନୁସାରେ, ଆଜି ଫିରିଙ୍ଗିଆ ଥାନା ପୋଲିସ କୌଣସି ସୂତ୍ରରୁ ଏହି ଗଞ୍ଜେଇ ଚାଲାଣ ସମ୍ପର୍କରେ ଖବର ପାଇ ସେଠାରେ ଗାଡି ସବୁ ତଲାସି କରୁଥିବା ବେଳେ ସେଠାରେ ଗୋଟିଏ ଧଳା ରଙ୍ଗର ଇଣ୍ଡିଗୋ କାର୍ ନଂ (ଓଆର-୦୨ବିଟି-୧୭୨୬) ଆସିଥିଲା । ସେହି ଗାଡିକୁ ତଲାସି କରିବା ପରେ ପୋଲିସ ସେଥିରୁ ଏହି ଗଞ୍ଜେଇ ପାଇଥିଲା । ସେହି ଗଞ୍ଜେଇ ବୋଝେଇ କାରକୁ ଏସକଟରେ ନେଇ ଆସୁଥିବା ଏକ ଟିଭିଏସ ଆପାଚେ ବାଇକ୍ ନଂ (ଓଡି-୨୫-ଏଚ ୮୫୮୩)କୁ ମଧ୍ୟ ପୋଲିସ ଜବତ କରିଛି । ମାମଲାରେ ଅଭିଯୁକ୍ତ ନୟାଗଡ ଜିଲ୍ଲା ଇଟାମାଟି ଅଂଚଳର ଦିଲ୍ଲିପ କୁମାର ସାହୁ (୪୧), ଦେବାଶିଷ ସାହୁ(୨୬), ପ୍ରତାପ ବେହେରା(୨୫) ଏବଂ ଫିରିଙ୍ଗିଆ ଥାନା ଅଂଚଳର ବଣ୍ଡଗୁଡା ଅଂଚଳର ଆଲୋକ ନାୟକଙ୍କୁ ଗିରଫ କରି ସେମାନଙ୍କୁ କୋର୍ଟ ଚାଲାଣ କରିଛି ପୋଲିସ । ତେବେ ସେମାନେ ଏହି ଗଞ୍ଜେଇକୁ ନୟାଗଡ ଜିଲ୍ଲାକୁ ଚାଲାଣ କରୁଥିଲେ ବୋଲି ପୋଲିସ ଆଗରେ କହିଛନ୍ତି ।

ଗଜପତି ଜିଲ୍ଲାରେ ୨୭୯୨ କରୋନା ଆକ୍ରାନ୍ତ ସୁସ୍ଥ ହେଲେଣି

ପାରଳାଖେମୁଣ୍ଡି, (ପିଏନ)- ଗଜପତି ଜିଲ୍ଲାକୁ ସେପ୍ଟେମ୍ବର ୩ ତାରିଖ ସୁଦ୍ଧା ୧୫ ହଜାର ୮୧୯ ଜଣ ପ୍ରବାସୀ ଫେରିଛନ୍ତି । ସମ୍ପ୍ରତି ଜିଲ୍ଲାରେ ୧୨ଟି ଅସ୍ଥାୟୀ କ୍ୱାରେଂଟାଇନ ସେଂଟର କାର୍ଯ୍ୟ କରୁଛି । ୧୦୭ ଜଣ ବର୍ତମାନ ବିଭିନ୍ନ କ୍ୱାରେଂଟାଇନ ସେଂଟରରେ ରହୁଛନ୍ତି । ୧୫ ହଜାର ୭୧୨ ଜଣ ବିଭିନ୍ନ କ୍ୱାରେଂଟାଇନ ସେଂଟରରେ ରହି ସାରିଛନ୍ତି । ସେହିପରି ୧୪ ହଜାର ୩୬୮ ଜଣ ନିଜ ନିଜର କ୍ୱାରେଂଟାଇନ ଅବଧି ଶେଷ କରିବା ପରେ ସେମାନଙ୍କୁ ୨୦୦୦ ଟଙ୍କା ଲେଖାଏଁ ସରକାରୀ ସହାୟତା ପ୍ରଦାନ କରାଯାଇଛି । ୨୫୮୮୭ ଜଣଙ୍କ ସ୍ୱାବ୍ ନମୂନା ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ ପଠାଯାଇଛି । ୨୫୬୪୩ ଜଣଙ୍କ ରିପୋର୍ଟ ହସ୍ତଗତ ହୋଇଛି । ସେପ୍ଟେମ୍ବର ୩ ତାରିଖ ସୁଦ୍ଧା ଜିଲ୍ଲାରେ ମୋଟ୍ ପଜିଟିଭ୍ କେସ୍ ସଂଖ୍ୟା ୨୯୧୦ ରହିଛି । ୮୨ ଜଣ ବିଭିନ୍ନ କୋଭିଡ୍ ହସ୍ପିଟାଲ ଓ କୋଭିଡ୍ କେୟାର୍ ସେଂଟରରେ ଚିକିତ୍ସାଧିନ ରହିଛନ୍ତି । ୧୭ ଜଣ ହୋମ୍ ଆଇସୋଲେସନରେ ରହିଛନ୍ତି । ୨୭୯୨ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଥିବା ଜିଲ୍ଲା ପ୍ରଶାସନ ସୂତ୍ରରୁ ସୂଚନା ମିଳିଛି । ଅନୁରୂପ ଭାବେ ଜିଲ୍ଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧୮ ରହିଛି । ଜଣକର ଅନ୍ୟ କାରଣରୁ ମୃତ୍ୟୁ ଘଟିଥିବା ନେଇ ଜିଲ୍ଲା ପ୍ରଶାସନ ସୂତ୍ରରୁ ଜାରୀ କରାଯାଇଥିବା ପ୍ରେସ୍ ବିଜ୍ଞପ୍ତିରୁ ସୂଚନା ମିଳିଛି ।

ଭୁବନ ସିଏଚସିରେ ଆଜି ୬୧ ଜଣଙ୍କ ଆଂଟିଜେନ ଟେଷ୍ଟ

ଭୁବନ, (ପିଏନ) – ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ୧୧ ତାରିଖ ମଙ୍ଗଳବାର ଠାରୁ ଆଂଟିଜେନ ଟେଷ୍ଟିଂ ଆରମ୍ଭ ହୋଇଥିବା ବେଳେ ଆଜି ସମୁଦାୟ ୬୧ ଜଣ ବ୍ୟକ୍ତି ଟେଷ୍ଟିଂ କରିଥିଲେ । ତେବେ ଆଜି ସୁଦ୍ଧା ୧୪୮୪ ଜଣ ବ୍ୟକ୍ତି ଆଂଟିଜେନ ଟେଷ୍ଟ କରିଥିବା ଜଣାପଡିଛି । ଭୁବନ ଏନଏସିରେ ଦିନ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ସ୍ୱରରାଜକ

ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Bhubaneswar Saturday June 26, 2021 | ଭୁବନେଶ୍ୱର ଶନିବାର, ଜୁନ୍ ୨୬,୨୦୨୧ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com | ୮

ବେଦାନ୍ତ ଗ୍ରୁପ୍ ୨୦୨୧ର 'ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ' ସ୍ୱୀକୃତି ଲାଭ କଲା

ନୂଆଦିଲ୍ଲୀ: ଭାରତର ଅଗ୍ରଣୀ ଧାତୁ, ତୈଳ ତଥା ଗ୍ୟାସ୍ ଉତ୍ପାଦନକାରୀ ଭାବେ ଖ୍ୟାତି ହାସଲ କରିଥିବା ବେଦାନ୍ତ ଗ୍ରୁପ୍ ୨୦୨୧ର 'ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ' ଭାବେ ସ୍ୱୀକୃତି ଲାଭ କରିଛି । ଏହା ମଧ୍ୟରେ ବେଦାନ୍ତର ବାଲ୍‌କୋ, କେର୍ଣ୍ଣ ଅଏଲ୍ ଆଣ୍ଡ୍ ଗ୍ୟାସ୍, ଇଏସ୍‌ଏଲ୍, ହିନ୍ଦୁସ୍ଥାନ ଜିଙ୍କ୍, ଆଇରନ୍ ଓର୍ ବିଜ୍‌ନେସ୍, ଟିଏସ୍‌ପିଏଲ୍ ଏବଂ ବେଦାନ୍ତ ଝାରସୁଗୁଡ଼ା ସାମିଲ୍ ହୋଇଛନ୍ତି । ବେଦାନ୍ତ ଗ୍ରୁପ୍‌ର ସ୍ୱତନ୍ତ୍ର କାର୍ଯ୍ୟକ୍ଷେତ୍ରରେ ବିଶ୍ୱାସନୀୟତା, ଉଚ୍ଚ ପ୍ରଦର୍ଶନ କ୍ଷମତା, ବିଶ୍ୱସନୀୟତା, ସମ୍ମାନ, ସୁଚୀ ସମ୍ମାନ, ଆତ୍ମ ବିଶ୍ୱାସ ଏବଂ ବନ୍ଧୁତ୍ୱ ଭାବନା କର୍ମଚାରୀଙ୍କ ମଧ୍ୟରେ ସୃଷ୍ଟି ହୋଇଥାଏ । ପ୍ରତିବର୍ଷ ବହୁ ସଂସ୍ଥା 'ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ' ସ୍ୱୀକୃତି ଲାଭ କରିଥାନ୍ତି । ଏହା ନିରନ୍ତର ନୂତନତ୍ୱ, ମାନବ ସମ୍ବଳର ଶ୍ରେଷ୍ଠତ୍ୱ, କାର୍ଯ୍ୟରେ ନିୟୋଜିତ, ବିଭିନ୍ନତା ଏବଂ ଆନ୍ତର୍ଭୁକ୍ତିକରଣ ଏବଂ ପ୍ରଦର୍ଶନ ପରିଚାଳନାରେ ଉଲ୍ଲେଖନୀୟ ସଫଳତା ଯୋଗୁ ପ୍ରଦାନ କରାଯାଇଥାଏ । ବେଦାନ୍ତ ଗ୍ରୁପ୍ ସିଇଓ ସୁନୀଲ ଦୁଗଲଙ୍କ ଅନୁସାରେ, ବେଦାନ୍ତ ଭାରତର ଅଳ୍ପ କେତେକ ସଂସ୍ଥା ମଧ୍ୟରେ ଏହି ସ୍ୱୀକୃତି ଲାଭ କରିବାକୁ ସକ୍ଷମ ହୋଇଛି । ଏହା ଅନ୍ୟ ସଂସ୍ଥାଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରି ପାରିଛି । ଶ୍ରେଷ୍ଠ ଏମ୍ପ୍ଲୟର ବ୍ରାଣ୍ଡର ସଫଳତା ହାସଲ କରିବା ଲାଗି ଆମେ ନିରନ୍ତର ପ୍ରୟାସ ଜାରି ରଖିଛୁ ।ଏହି ଅବସରରେ ଗ୍ରୁପ୍ ସିଏଚ୍‌ଆର୍‌ଓ ମଧୁ ଶ୍ରୀବାସ୍ତବ କହିଲେ, 'ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ' ସ୍ୱୀକୃତି ବେଦାନ୍ତ ଗ୍ରୁପ୍‌ର କାର୍ଯ୍ୟ କ୍ଷେତ୍ରର ଶ୍ରେଷ୍ଠ ସଂସ୍କୃତିକୁ ସୂଚିତ କରୁଛି । ଏହା ଦୀର୍ଘଦିନ ଧରି ଜାରି ରହିଛି । ଏହା ଆମ ସଫଳତାର ମାଇଲ ଖୁଂଟ ଭାବେ ପ୍ରତିପାଦିତ ହୋଇଛି । ଏହାଦ୍ୱାରା ଆମର ଆତ୍ମ ବିଶ୍ୱାସରେ ବୃଦ୍ଧି ଘଟିବା ସହିତ ଏହି ସେକ୍ଟରରେ କାର୍ଯ୍ୟ କରିବାକୁ କର୍ମଚାରୀ ଆଗ୍ରହ ପ୍ରକାଶ କରିବେ । ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ବିଶ୍ୱସ୍ତରରେ ସ୍ୱତନ୍ତ୍ର କାର୍ଯ୍ୟକ୍ଷେତ୍ର ଶୈଳୀ ପଦ୍ଧତିରେ ସ୍ୱୀକୃତି ପ୍ରଦାନ କରାଯାଇଥାଏ । ଏହା ଦ୍ୱାରା ବିଜ୍‌ନେସ୍, ଏକାଡ଼େମିଆ, ଏବଂ ସରକାରୀ ସଂସ୍ଥାର ଗୋଲ୍ଡ ଷ୍ଟାଣ୍ଡାର୍ଡକୁ ବିଚାର ପରିସରଭୁକ୍ତ କରାଯାଇଥାଏ । ଏହାସହିତ କର୍ମଚାରୀଙ୍କ ମତାମତକୁ ଟ୍ରେଡ୍‌ମାର୍କ ଟ୍ରଷ୍ଟ ଇଣ୍ଡେକ୍ସ, କର୍ମଚାରୀଙ୍କ ସମୃଦ୍ଧ ଏବଂ କାର୍ଯ୍ୟସ୍ଥଳ ସଂସ୍କୃତି ଅଡିଟ୍, ମ୍ୟାନେଜମେଂଟ୍ ପ୍ରେସପେକ୍‌ଟିଭ୍ ସ୍କୋରକାର୍ଡକୁ ମଧ୍ୟ ଗ୍ରହଣ କରାଯାଇଥାଏ । ପୃଥିବୀର ୬୦ଟି ଦେଶର ୧୦,୦୦୦ରୁ ଅଧିକ କମ୍ପାନୀ ଏହି ସ୍ୱୀକୃତି ଲାଭ ପାଇଁ ପ୍ରୟାସ କରିଥାନ୍ତି । ବେଦାନ୍ତ ପକ୍ଷରୁ ସ୍ୱତନ୍ତ୍ର ଟିକାକରଣ ଯୋଜନା ଉପରେ କାର୍ଯ୍ୟ କରାଯାଉଛି । ଏହାଦ୍ୱାରା କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣକୁ ନିଶ୍ଚିତ କରାଯାଇ ପାରୁଛି । ୧.୧୨ ଲକ୍ଷ ଲୋକଙ୍କ ଟିକାକରଣ ପାଇଁ ଯୋଜନା କରାଯାଇଛି । ଏଥିମଧ୍ୟରେ ୪୬,୦୦୦ କର୍ମଚାରୀ ଏବଂ ସେମାନଙ୍କର ପରିବାର ସଦସ୍ୟ ରହିଛନ୍ତି । ଭାକ୍ସିନ୍ କିଣିବା ଲାଗି ବେଦାନ୍ତ ପକ୍ଷରୁ ୧୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ଏହାର ଡେଲିଭରୀ ଆସନ୍ତା ମାସରୁ ଆରମ୍ଭ ହେବ । କର୍ମଚାରୀଙ୍କ ବିକାଶ ଏବଂ ସ୍ୱାସ୍ଥ୍ୟ ଯତ୍ନ କ୍ଷେତ୍ରରେ କମ୍ପାନୀ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିବାକୁ ସକ୍ଷମ ହୋଇଛି ।

ବ୍ରିଜ ତଳକୁ ଖସିଲାକାର ଅଳ୍ପକେ ବଚିଲେ ୫ ଜଣ

ମାଲକାନଗିରି: ମାଲକାନଗିରି ଜୟପୁର ୩୨୬ ନମ୍ବର ଜାତୀୟ ରାଜପଥ ର ମାଥିଲି ଥାନା ଅନ୍ତର୍ଗତ ପାଙ୍ଗାମ ବ୍ରିଜ ନିକଟରେ ଆଜି ସକାଳୁ ଏକ ଅଭାବନୀୟ ଘଟଣା ଘଟିଛି କ୍ଷ ମିଳିଥିବା ସୂଚନା ଅନୁସାରେ ଏକ କାର ରେ ଡ୍ରାଇଭର ସହ ୫ ଜଣ ଭୁବନେଶ୍ୱର ରୁ ମାଲକାନଗିରି ଅଭିମୁଖେ ଆସୁଥିବା ବେଳେ ରାତି ତମାମ ଅନିଦ୍ରା ରହି ଗାଡି ଚଳାଉଥିବାରୁ ଡ୍ରାଇଭର ର ଆଖି ଲାଗିଯାଇଥିଲା । ଫଳରେ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ପାଙ୍ଗମ ନିକଟରେ କାର ପୋଲ ତଳକୁ ଖସି ଯାଇଥିଲା । ଦୁର୍ଘଟଣା ଖବର ପାଇଁ ମାଥିଲି ପୋଲିସ ଘଟଣା ସ୍ଥଳରେ ପହଂଚି ଗାଡିଟିକୁ କ୍ରେନ ସାହାଯ୍ୟରେ ବ୍ରିଜ ତଳୁ ଉଦ୍ଧାର କରିଥିଲେ କ୍ଷ କାରରେ ଥିବା ଯାତ୍ରୀ ମାନଙ୍କର କାହାର କିଛି କ୍ଷତି ହେଇ ନ ଥିବା ବେଳେ ଡ୍ରାଇଭରକୁ ଗୁରୁତର ଆଘାତ ଲାଗିଥିଲା।

କେନ୍ଦ୍ରାପଡାରେ ନୂତନ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରିଣୀଙ୍କ ଯୋଗଦାନ

କେନ୍ଦ୍ରାପଡ଼ା: କେନ୍ଦ୍ରାପଡାରେ ନୂତନ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରିଣୀ ଭାବେ ରୂପାଲି ପ୍ରିୟଦର୍ଶିନୀ ଯୋଗଦେଇଛନ୍ତି । ଶ୍ରୀମତୀ ପ୍ରିୟଦର୍ଶିନୀ ପୂର୍ବରୁ ଆଳି ବ୍ଲକର ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ଭାବେ କାର୍ଯ୍ୟରତ ଥିଲେ । ପଦୋନ୍ନତି ପାଇବା ପରେ ସେ କେନ୍ଦ୍ରାପଡାରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରିଣୀ ଭାବେ ଯୋଗଦେଇଥିବା ଜଣାପଡିଛି । ଦୀର୍ଘଦିନ ଧରି ଏହି ପଦବୀଟିଖାଲି ପଡିଥିଲା । କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଛନ୍ତି । ଜିଲ୍ଲାରେ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମକୁ ଆଗେଇ ନେବାରେ ସେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ।

ପାନପୋଷ ଡାକ୍ତରଖାନାରେ ଟିକାକରଣ ବେଳେ ଦୁର୍ବ୍ୟବହାର ଓ ମନମାନି

ରାଉରକେଲା: ରାଉରକେଲାର ପାନପୋଷ ଉପଖଣ୍ଡ ଡାକ୍ତରଖାନାରେ ଚାଲିଥିବା ଟିକାକରଣ ବେଳେ ଲୋକଙ୍କୁ ଦୁର୍ବ୍ୟବହାର ସାଙ୍ଗକୁ ଜଣେ ଯୁବକର ମନମାନି ଓ ଡାକୁ ପ୍ରାୟ ସମସ୍ତ ଭଲ୍ୟୁଟଂୟରଙ୍କ ସହଯୋଗ ସତେ ଯେମିତି ମାଗଣାରେ ଟିକା ନେଲେ ଏହିଭଳି ବ୍ୟବହାର ଓ ମନମାମନି ଦେଖିବାକୁ ଶୁଣିବାକୁ ପଡିବ ବୋଲି ସରକାର ବ୍ୟବସ୍ଥା କରିଥିବା ଭଳି ଲୋକେ ମନେ କରିଛନ୍ତି । ରାଉରକେଲାର ଏହି ଡାକ୍ତରଖାନାରେ ଟିକା ନେବା ସମୟରେ ସାମାଜିକ ଦୂରତା ନଥିବା, ସକାଳୁ ଆସି ବୟସ୍କ ଲୋକେ ଲାଇନ ଦେଇ ଫେରିବା ଭଳି ଅନେକ ଅଭିଯୋଗ ପୂର୍ବରୁ ହୋଇଛି । ତେବେ ଆଜି ଦିନ ପ୍ରାୟ ୧୧ଟା ୧୫ ମିନିଟ୍ ସମୟରେ ଦେଖା ଯାଇଥିଲା, ସିରିଏଲ ନମ୍ବର ୧୨୨ ରେ ଥିବା ବ୍ୟକ୍ତି ନିଜର ୨ୟ ଡୋଜ୍ ଲାଗି ଜିବା ବେଳକୁ ୧୫୦ ନମ୍ବର ବାଲା ମଧ୍ୟ ଚଉକିରେ ବସିଛନ୍ତି । ତେବେ ଖାଲିଥିବା ଚଉକିରେ ଏହି ସିରିଏଲ ନମ୍ବର ବ୍ୟକ୍ତି ବସିଜିବାରୁ ସେଠାରେ ଥିବା ଏହି ଫଟୋରେ ଥିବା ଯୁବକ, କନେଷ୍ଟବଳ ଓ କମ୍ପ୍ୟୁଟରରେ କାମ କରୁଥିବା ମହିଳା ସମସ୍ତେ ମିଶି ଲାଇନରେ ଆସନ୍ତୁ କହିବା ସହ ତାଙ୍କ ପ୍ରତି ଦୁର୍ବ୍ୟବହାର କରିଥିଲେ । ପରେ ସେହି ବ୍ୟକ୍ତି ଲାଇନ କଣ, ଏହି ସିରିଏଲ ନମ୍ବର ନାଁ ଆଉକିଛି ପଚାରିବାରୁ ସମ୍ପୃକ୍ତ ଯୁବକ ଜଣକ ଟିକା ଦେବାକୁ କହିଥିଲେ । ପରେ ସେଠାରେ କମ୍ପ୍ୟୁଟରରେ ବସିଥିବା ମହିଳା ଜଣକ ପୁଣି ଯାହା ପାରିଲେ କହିଗଲେ । ପରେ ଏଭଳି ବ୍ୟବସ୍ଥାକୁ ଅନୁଧ୍ୟାନ କରିବାରୁ ଜଣାପଡିଥିଲା ଯେ, ସେଠାରେ ଏକ ର୍ୟାକେଟ କାମ କରୁଛି । ସମ୍ପୃକ୍ତ ଯୁବକ ଓ କିଛି ସହଯୋଗି ମିଶି ତାଙ୍କ ଚାହିଁବା ଅନୁଶାରେ ଲୋକଙ୍କୁ ଟିକା ଦେଉଛନ୍ତି । ଅନ୍ୟ ମାନଙ୍କୁ ଲାଇନରେ ଆସ କହି ବସାଇ ରଖୁଛନ୍ତି । ଏସବୁ ସମସ୍ୟା ନେଇ ଡାକ୍ତରଖାନାର ମୁଖ୍ୟ ମାଡାମ ମିଶ୍ରଙ୍କ ପାଖକୁ ଗଲାରୁ ତାଙ୍କ ରୁମ ଖୋଲା ଥିଲା, ଲାଇଟ ପଙ୍ଖା ଚାଲିଥିଲା, କିନ୍ତୁ ସେ ଆସିନଥିବା ଜଣାପଡିଲା । ପରେ ତାଙ୍କ ପରବର୍ତୀ ଅଧିକାରୀ ଶ୍ରୀଯୁକ୍ତ ସିଂଙ୍କୁ ଜଣାଇବାରୁ ସେ ସବୁ ଶୁଣି କହିଲେ ବ୍ୟସ୍ତ ଓ ଭିଡ଼ ଭିତରେ ଏମିତି କହିଦେଇଥିବେ । ତା ମାନେ ବ୍ୟସ୍ତ ଓ ଭିଡ଼ ଭିତରେ ଲୋକଙ୍କୁ ଯାହା ବ୍ୟବହାର କଲେ ମଧ୍ୟ ଚଳିବ କାରଣ ମାଗଣା ଟିକା ନିଆଯାଉଛି । ଲୋକେ ବାହାରେ ଯାହା କହୁଥିଲେ ତାକୁ ସଠିକ ବୋଲି ଡାକ୍ତର ମଧ୍ୟ କହି ପ୍ରମାଣ କରିଦେଲେ ।

ଟେକଗୁଡା ଗ୍ରାମରେ ସାପ କାମୁଡ଼ାରେ ଜଣଙ୍କ ମୃତ୍ୟୁ

ମାଲକାନଗିରି: ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଟେକଗୁଡା କଲୋନୀ ରେ ସାପ କାମୁଡ଼ାରେ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁସାରେ ଗ୍ରାମର ଜଗା କବାସୀ ଗତକାଲି ରାତ୍ରରେ ଘରେ ଶୋଇଥିବାବେଳେ ତାଙ୍କୁ ଏକ ବିଷଧର ସାପ କାମୁଡି ଦେଇଥିଲା । ସକାଳୁ ଉଠି ସେ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତୁରନ୍ତ ମାଲକାନଗିରି ମୁଖ୍ୟ ମେଡିକାଲ କୁ ପଠାଇଥିଲେ । ସେଠାରେ ଚିକିତ୍ସା ଚାଲିଥିବାବେଳେ ମୃତ୍ୟୁ ହୋଇଛି ।

ଗୋପଛକ ନିକଟରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ : ଗୁଳିମାଡ ଅଭିଯୋଗ

କେନ୍ଦ୍ରାପଡ଼ା: ସଦର ଥାନା ଅନ୍ତର୍ଗତ ଗୋପଛକ ନିକଟରେ ଜନୈକ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ସହ ବନ୍ଧୁକରୁ ଗୁଳିମାଡ ହୋଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ସଂପୃକ୍ତ ଆହତ ଯୁବକ ହେଉଛନ୍ତି ଭଗବାନପୁର (ସାନମଙ୍ଗଳା)ଗ୍ରାମର ରଞ୍ଜିତ ପତ୍ରୀ । ଯୁବକଙ୍କ ଦୁଇଟି ଗୋଡ, ଆଖି ଓ ମୁଣ୍ଡରେ ଗୁରୁତର କ୍ଷତ ସୃଷ୍ଟି ହୋଇଛି । ତାଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ପରିବାର ପକ୍ଷରୁ ସଂପୃକ୍ତ ଯୁବକ ଉପରକୁ ଗୁଳି ମାଡ କରାଯାଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାଇ ଗତ ୨୩ତାରିଖରେ ରଞ୍ଜିତ ପରିବାର ସହିତ ଭୁବନେଶ୍ୱରରୁ କାର ଯୋଗେ କେନ୍ଦ୍ରାପଡା ସହରସ୍ଥ ଭଗବାନପୁର ଗ୍ରାମକୁ ଫେରୁଥିବା ସମୟରେ ସାନମଙ୍ଗଳା ନିକଟରେ କେତେକ ଯୁବକ ତାଙ୍କ କାରକୁ ସାଇଡମାରିଥିଲେ । ସେ ଏହାର ପ୍ରତିବାଦ କରିବାରେ ସେମାନେ ତାଙ୍କୁ ମାଡମାରିଥିଲେ । ଏନେଇ ରଞ୍ଜିତ ଟାଉନ ଥାନାରେ ଲିଖିତ ଅଭିଯୋଗ କରିବାରେ ପୋଲିସ ସଂପୃକ୍ତ ଅଭିଯୁକ୍ତଙ୍କୁ ଥାନାକୁ ଡକାଇ କିଛି ସମୟ ଥାନାରେ ବସାଇ ଛାଡିଦେଇଥିଲେ । ଏହି ଘଟଣାକୁ ନେଇ ସେହି ଯୁବକମାନେ ଗୁରୁବାର ରାତିରେ ରଞ୍ଜିତକୁ ଗୋପଛକ ନିକଟରେ ଏକୁଟିଆ ପାଇ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଧମକଦେବା ସହ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଫଳରେ ରଞ୍ଜିତ ଅଚେତ ହୋଇଯିବା ପରେ ସେମାନେ ରଞ୍ଜିତକୁ ନିକଟସ୍ଥ ଏକ ଶ୍ମଶାନରେ ପକାଇ ଦେଇ ଚାଲିଯାଇଥିଲେ ବୋଲି ରଞ୍ଜିତଙ୍କ ସାଙ୍ଗ ଗୋପ ଗ୍ରାମର ଜ୍ଞାନଦୀପ ପରିଡା କହିଛନ୍ତି । ଶୁକ୍ରବାର ସକାଳୁ ତାଙ୍କ ସାଙ୍ଗମାନେ ଖୋଜାଖୋଜି କରିବାରେ ଶ୍ମଶାନରୁ ରଞ୍ଜିତଙ୍କୁ ଉଦ୍ଧାରକରି ଏକ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ରଞ୍ଜିତ ଚିକିତ୍ସାଧିନ ଅଛନ୍ତି । ରଞ୍ଜିତଙ୍କ ଦୁଇଗୋଡ, ଆଖି ଓ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି । ରଞ୍ଜିତଙ୍କ ବାପାଙ୍କ ଅଭିଯୋଗ କ୍ରମେ ସଦର ଥାନାରେ ୩୬୮/୨୦୨୧ରେ ଆଇପିସିର ଦଫା ୩୦୭ରେ ଏକ ମାମଲା ରୁଜୁ ହୋଇଛି ।

କରୋନା କଟକଣା ମଧ୍ୟରେ ଶ୍ରୀଶ୍ରୀ ହରିବଳଦେବ ଜୀଉ ବିଜେ ମହାପ୍ରଭୁଙ୍କ ସ୍ନାନଯାତ୍ରା ସମ୍ପନ୍ନ

ବାରିପଦା: ଓଡ଼ିଶାର ସଂସ୍କୃତି କହିଲେ ଶ୍ରୀଜଗନ୍ନାଥ ସଂସ୍କୃତିକୁ ବୁଝାଇଥାଏ । ସଂସ୍କୃତିର ମୂଳାଧାର ମଧ୍ୟ ସ୍ୱୟଂ ମାହାପ୍ରଭୁ ଶ୍ରୀଜଗନ୍ନାଥ । ସେ ହେଉଛନ୍ତି ମାନବବାଦର ପ୍ରତୀକ । ପୃଥିବୀର ସବୁ ଧର୍ମ, ପ୍ରତ୍ୟେକ ବର୍ଣ୍ଣ, ବିଭିନ୍ନ ଆଦର୍ଶ ତଥା ବହୁ ଦର୍ଶନ ଶ୍ରୀଜଗନ୍ନାଥଙ୍କଠାରେ ହିଁ କେନ୍ଦ୍ରିଭୂତ । ଶୈବ, ଶାକ୍ତ, ଗାଣପତ୍ୟ, ସୌର, ବୈଷ୍ଣବ, ଜୈନ, ବୁଦ୍ଧ, ନାନକ, ଆର୍ଯ୍ୟ ଓ ଅନାର୍ଯ୍ୟ ସମସ୍ତଙ୍କର ଆରାଧ୍ୟ ଦେବତା । ଏହି ଜଗତର ନାଥ ଶ୍ରୀଜଗନ୍ନାତଙ୍କ ଘୋଷ ଯାତ୍ରା ଉତ୍କଳୀୟଙ୍କ ପ୍ରାଣତନ୍ତ୍ରୀରେ ଏକ ଲଳୀତ ମୂର୍ଚ୍ଛନା । ଚତୁର୍ଦ୍ଧାମୂର୍ତ୍ତି ନିଜର ରତ୍ନସିଂହାସନରୁ ଉହ୍ଲାଇ ସିଂଦ୍ୱାର ଦେଇ ଜଗତଜନଙ୍କ ସହିତ ଏକାକାର ହୋଇ ଶ୍ରୀଗୁଣ୍ଡିଚା ମନ୍ଦିରକୁ ନବ ଦିବସ ବିଜେ ହିଁ ଘୋଷଯାତ୍ରା । କିନ୍ତୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଯାତ୍ରାମାନଙ୍କ ମଧ୍ୟରେ ଆଦ୍ୟଯାତ୍ରା ହେଉଛି ସ୍ନାନଯାତ୍ରା । ଚଳିତ ବର୍ଷ ଜୁନ ୨୪ରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଭ୍ରାତା ବଳଭଦ୍ର , ଭଉଣୀ ସୁଭଦ୍ରା ଓ ସୁଦର୍ଶନଙ୍କ ସହିତ ରତ୍ନସିଂହାସନରୁ ସୁନ୍ଦର ଟାହିଆରେ ସୁସଜ୍ଜିତ ହୋଇ ଧୀରେ ଧୀରେ ଅପୂର୍ବ ଛନ୍ଦରେ ଗୋଟି ପହଣ୍ଡିରେ ପାହୁଣ୍ଡ ପକାଇ ଖୋଳ, କରତାଳ, ଘଂଟ, ଘଂଟା ଧ୍ୱନୀ ସହ ହୁଳହୁଳି ଓ କାହାଳୀ ବଜାଇ ଢ଼ଳି ଢ଼ଳି ସ୍ନାନ ମଣ୍ଡପକୁ ଉହ୍ଲାଇ ଆସିଥିଲେ । ପ୍ରତ୍ୟୁଷରୁ ମଙ୍ଗଳ ଆଳତି, ମଇଲମ ଏବଂ ତଡ଼ପ ଲାଗି ଆଦି ନୀତିକାନ୍ତି ସମ୍ପନ୍ନ ହେବା ସାଙ୍ଗକୁ ସ୍ନାନଯାତ୍ରା ସମ୍ବନ୍ଧିତ ଅନ୍ୟାନ୍ୟ ନୀତି ସମ୍ପାଦନ ହେବା ପରେ ସ୍ନାନ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଜଳବିଜେ, ପୂଜା ଓ ସ୍ନାନ ନୀତି ସମ୍ପନ୍ନ ହୋଇଥିଲା । ମହାପ୍ରଭୁ ଶ୍ରୀବଳଭଦ୍ରଙ୍କୁ ୩୩ ଗରା, ଦେବୀ ସୁଭଦ୍ରାଙ୍କୁ ୨୨ ଗରା, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ୩୫ ଗରା ଏବଂ ମହାପ୍ରଭୁ ସୁଦର୍ଶନଙ୍କୁ ଗରା ଏହିପରି ମୋଟ ୧୦୮ ଗରା କର୍ପୁର, ତୁଳସୀ ଓ କସ୍ତୁରୀ ଆଦି ସୁବାସିତ ଜଳରେ ଐଶ୍ୱର୍ଯ୍ୟମୟ ବେଶରେ ଚତୁର୍ଦ୍ଧାମୂର୍ତ୍ତି କରିଥିଲେ ଭବ୍ୟସ୍ନାନ । ଏଥି ସହିତ ମଣ୍ଡପରେ ଅନ୍ୟାନ୍ୟ ନୀତିକାନ୍ତି ଜାରି ରହିଥିଲା । ସେହିପରି ବାରିପଦା ସହରର ଅନ୍ୟତମ ସାନ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କର ସ୍ନାନଯାତ୍ରା ନିର୍ଦ୍ଧାରିତ ସମୟ ନିର୍ଘଣ୍ଟ ଅନୁସାରେ ନୀତିକାନ୍ତି ସମ୍ପନ୍ନ ହୋଇଥିଲା । ସ୍ନାନ ମଣ୍ଡପରେ ମହାପ୍ରଭୁଙ୍କ ଏହି ଦିବ୍ୟସ୍ନାନ ଦର୍ଶନ କରିବା ନିମନ୍ତେ ଭକ୍ତମାନଙ୍କ ମଧ୍ୟରେ ରହିଥିବା ଆବେଗକୁ ଛଡ଼ାଇ ନେଇଛି ବିଶ୍ୱମହାମାରୀ କରୋନା । ବିଶ୍ୱ ବିଖ୍ୟାତ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଭଗବାନ ଓ ଭକ୍ତ ମଧ୍ୟରେ ବାଧକ ସାଜିଥିଲା କରୋନା କଟକଣା । କୋଭିଡ଼-୧୯ ମାର୍ଗଦର୍ଶୀକା ଅନୁସାରେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ୧୪୪ ଧାରା ସ୍ନାନ ମଣ୍ଡପ ଉପରେ ମହାପ୍ରଭୁଙ୍କ ଦର୍ଶନରେ ପ୍ରତିବନ୍ଧକ ସାଜିଛି । ଗୁରୁବାର ସକାଳ ୫ରୁ ମହାପ୍ରଭୁଙ୍କ ଅଣଗୃହ ପ୍ରବେଶ ପର୍ଯ୍ୟନ୍ତ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଶ୍ରୀଶ୍ରୀ ହରିବଳଦେବ ମହାପ୍ରଭୁ ବିଜେଙ୍କ ମନ୍ଦିର ଏବଂ ମନ୍ଦିରରୁ ୫ ଶହ ଫୁଟ ବ୍ୟାସାର୍ଦ୍ଧ ମଧ୍ୟରେ ଜାରି କରାଯାଇଛି ୧୪୪ ଧାରା । ସକାଳ ୫ଟା ସମୟରୁ ରାତି ପର୍ଯ୍ୟନ୍ତ ବାରିପଦା ସହରର କୃଷ୍ଣଚନ୍ଦ୍ର ଗୋଲେଇ, ବଡ଼ଦାଣ୍ଡର ବାରିପଦା ଟାଉନ ଥାନା, ଦୁର୍ଗା ହୋଟେଲ ଓ ଦୁର୍ଗା ନସିଂ ହୋମଠାରୁ ମନ୍ଦିର ରାସ୍ତାରେ ସମସ୍ତ ଗାଡ଼ି ମୋଟର ସହ ଜନସାଧାରଣଙ୍କ ଚଳାଚଳ ଉପରେ କଟକଣା ଜାରି କରାଯାଇଛି । ସେହିପରି ବାରିପଦା ସହରର ସାନ ଜଗନ୍ନାଥ ମନ୍ଦିର ନିମନ୍ତେ ମଧ୍ୟ ୧୪୪ ଧାରା ଲାଗୁ କରାଯାଇଛି । କାଳି ମାର୍କେଟ ଛକ, ଜୁବଲୀ ଲାଇବ୍ରେରୀ ଛକ ଓ ଲାଲବଜାର ସଂସ୍କୃତ ଟୋଲ ଛକଠାରୁ ମନ୍ଦିର ରାସ୍ତାରେ ସମସ୍ତ ଗାଡ଼ି ମୋଟର ସହ ଜନସାଧାରଣଙ୍କ ଚଳାଚଳ ଉପରେ କଟକଣା ଜାରି କରାଯାଇଛି । କେବଳ ଜରୁରୀ କାଳୀନ ସେବାରେ ନିୟୋଜିତ ଗାଡ଼ି ଓ ବ୍ୟକ୍ତିମାନଙ୍କୁ ଏଥିରୁ ବାଦ ଦିଆଯାଇଛି । ସହାରରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ନିମନ୍ତେ ପୁଲିସ ଅଧିକାରୀ ଓ ଫୋର୍ସ ମୁତୟନ କରାଯିବ । ତେବେ ତିନି ଠାକୁରଙ୍କ ଦିବ୍ୟସ୍ନାନ ଓ ଗଜାନନ ବେଶ ଦର୍ଶନରୁ ବଂଚିତ ହେଉଥିବାରୁ ଭକ୍ତମାନଙ୍କ ମଧ୍ୟରେ ନୈରାଶ୍ୟ ଖେଳାଇ ଦେଇ